Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ସଂଖ୍ୟା 15

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 13 ଏପ୍ରିଲ୍ 2017    13 ଶାହାଦତ୍ 1396 ହି.ଶ    15 ରଜବ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିଁ'ଉମ୍‌ରିହି ୱ ଅମ୍‌ରିହି ॥

**ସେହି ଶେଷ ମେହେଦୀ ଯାହାଙ୍କୁ ଇସ୍‌ଲାମ୍‌ର ଅଧପତନ ସମୟରେ ଓ ପଥଭ୍ରଷ୍ଟତା ବ୍ୟାପିଯାଇଥିବା ଯୁଗରେ ଅଲ୍ଲାଃଙ୍କ ନିକଟରୁ ପ୍ରତ୍ୟକ୍ଷ ମାର୍ଗଦର୍ଶନ ମିଳିବାର ଥିଲା ଏବଂ ସେହି ସ୍ୱର୍ଗୀୟ ପୁରସ୍କାରକୁ ନୂତନ ରୂପେ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ବିଧିର ବିଧାନ ରୂପେ ଧାର୍ଯ୍ୟ କରାଯାଇଥିଲା ଏବଂ ଯାହାଙ୍କ ସୁ ସମ୍ବାଦ ୧୩୦୦ ବର୍ଷ ପୂର୍ବେ ରସୁଲେ କରିମ୍ ସ:ଆ:ସ ଦେଇଥିଲେ ସେହି ମେହେଦୀ ମୁଁ ହିଁ ଅଟେ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଖୁଦାତାଲା ଏ ଯୁଗର ବର୍ତମାନ ପରିସ୍ଥିତିକୁ ଅନୁଶୀଳନ କରି ଏବଂ ଏ ପୃଥିବୀକୁ ବିଭିନ୍ନ ପ୍ରକାରର ବିଶୃଙ୍ଖଳା, ପାପ ଓ ପଥଭ୍ରଷ୍ଟତାରେ ପରିପୂର୍ଣ୍ଣ ପାଇ ମୋତେ ସତ୍ୟର ପ୍ରଚାର ପାଇଁ ଏବଂ ସଂସ୍କାର ପାଇଁ ପ୍ରେରଣ କଲେ । ଏବଂ ଏ ଯୁଗ ମଧ୍ୟ ଏହିପରି ଥିଲା ଯେ...ଏ ଦୁନିଆର ଲୋକେ ୧୩ ସଦି ହିଜିରି ଶେଷ କରି ୧୪ ସଦି ହିଜିରିର ପ୍ରାରମ୍ଭରେ ପ୍ରବେଶ କରିଥିଲେ । ତେବେ ଯାଇ ମୁଁ ଉକ୍ତ ନିର୍ଦ୍ଦେଶର ଆଜ୍ଞା ପାଳନ କରି ସାଧାରଣ ଲୋକଙ୍କୁ ଲିଖିତ ଇସ୍ତେହାର୍ ଓ ବକ୍ତୃତା ମାଧ୍ୟମରେ ଏହି ଘୋଷଣା କରିବା ଆରମ୍ଭ କରିଦେଲି ଯେ ଏହି ସଦିର ପ୍ରାରମ୍ଭରେ ଯିଏ ଅଲ୍ଲାଃଙ୍କ ତରଫରୁ ତଜ୍‌ଦିଦେଦୀନ୍ (ଧର୍ମର ସାହାଯ୍ୟକର୍ତା) କରିବା ପାଇଁ ଆସିନଥିଲା ସେ ମୁଁ ହିଁ ଅଟେ । ଯଦ୍ୱାରା ଉକ୍ତ ବିଶ୍ୱାସ ଯାହା ପୃଥିବୀ ପୃଷ୍ଠରୁ ଉଠି ଯାଇଥିଲା ତାକୁ ପୁନର୍ବାର ପ୍ରତିଷ୍ଠା କରିପାରିବି । ଏବଂ ଅଲ୍ଲାଃଙ୍କଠାରୁ ଶକ୍ତି ପାଇଁ ତାର ହାତର ଚୁମ୍ବକୀୟ ଶକ୍ତି ଦ୍ୱାରା ସଂସାରବାସୀଙ୍କ ସଂସ୍କାର ଓ ସୁଧାର କରିବା ସହିତ ତକ୍‌ୱା ଓ ସତ୍ୟବାଦୀତା ଆଡ଼କୁ ଟାଣି ଆଣିବି । ଏବଂ ତାଙ୍କର ବିଶ୍ୱାସ ଓ କାର୍ଯ୍ୟକଳାପରେ ଥିବା ତୃଟି ଗୁଡିକୁ ସୁଧାରିବି । ଏବଂ ଯେତେବେଳେ କିଛି ବର୍ଷ ବିତିଯିବା ପରେ ମୋ ଉପରେ ସ୍ୱର୍ଗବାଣୀ ଦ୍ୱାରା ସ୍ପଷ୍ଟ କରିଦିଆଗଲା ଯେ ସେହି ମସିହ୍ ଯିଏ ଏହି ଉମ୍ମତ୍ ପାଇଁ ପ୍ରାରମ୍ଭରୁ ମଉଦ (ପ୍ରତିଶୃତ) ଥିଲେ ସେହି ଶେଷ ମେହେଦୀ ଯାହାଙ୍କୁ ଇସ୍‌ଲାମ୍‌ର ଅଧପତନ ସମୟରେ ଓ ପଥଭ୍ରଷ୍ଟତା ବ୍ୟାପିଯାଇଥିବା ଯୁଗରେ ଅଲ୍ଲାଃଙ୍କ ନିକଟରୁ ପ୍ରତ୍ୟକ୍ଷ ମାର୍ଗଦର୍ଶନ ମିଳିବାର ଥିଲା ଏବଂ ସେହି ସ୍ୱର୍ଗୀୟ ପୁରସ୍କାରକୁ ନୂତନ ରୂପେ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ବିଧିର ବିଧାନ ରୂପେ ଧାର୍ଯ୍ୟ କରାଯାଇଥିଲା ଏବଂ ଯାହାଙ୍କ ସୁ ସମ୍ବାଦ ୧୩୦୦ ବର୍ଷ ପୂର୍ବେ ରସୁଲେ କରିମ୍ ସ:ଆ:ସ ଦେଇଥିଲେ ସେହି ମେହେଦୀ ମୁଁ ହିଁ ଅଟେ । ଏବଂ ଅଲ୍ଲାଃତାଲାଙ୍କର ବାର୍ତାଳାପ ଓ ରେହେମାନ୍ ଖୁଦାଙ୍କର ସମ୍ବୋଧନ ଏପରି ସ୍ପଷ୍ଟ ଓ ଧାରାବାହିକ ରୂପେ ଉକ୍ତ ବିଷୟରେ ହେଲା ଯେ କୌଣସି ପ୍ରକାରର ଶଙ୍କା ରହିଲା ନାହିଁ । ପ୍ରତ୍ୟେକ ୱହି (ସ୍ୱର୍ଗବାଣୀ) ଗୋଟିଏ ଲୌହ ଶାବଳ ସଦୃଶ ହୃଦୟରେ ପ୍ରବେଶ କରୁଥିଲା ଏବଂ ଏହି ସବୁ ଅଲ୍ଲାଃତାଲାଙ୍କ ସହିତ ବାର୍ତାଳାପ ଏପରି ଭବ୍ୟ ଭବିଷ୍ୟ ବାଣୀ ଦ୍ୱାରା ପରିପୂର୍ଣ୍ଣ ଥିଲା ଯେ ଉଜ୍ଜ୍ୱଳ ଦିବସ ସଦୃଶ ତାହା ପୁରଣ ହେଉଥିଲା । ଏବଂ ତାର ଧାରାବାହିକତା ଓ ବହୁଳ ମାତ୍ରାରେ ହେବା ସହିତ ଏହାର ଅଲୌକିକ ଶକ୍ତିର ଚମତ୍କାରିତା ମୋତେ ଏହି କଥାକୁ ଗ୍ରହଣ କରିବା ପାଇଁ ବାଧ୍ୟ କଲା ଯେ ଏହା ସବୁ ସେହି ୱହଦହୁ ଲାଶରିକ୍ (ଏକ ଓ ଅଦ୍ୱିତୀୟ) ଖୁଦାଙ୍କ ବାଣୀ ଅଟେ ଯାହାଙ୍କ ବାଣୀ ପବିତ୍ର କୋରାନ୍ ଅଟେ । ବର୍ତମାନ ମୁଁ ଏଠି ତୌରାତ୍ ଓ ଇଞ୍ଜିଲ୍‌ର ନାମ ନେଉନାହିଁ । କାରଣ ତୌରାତ୍ ଏବଂ ଇଞ୍ଜିଲ୍‌ର ପରିବର୍ତନକାରୀଙ୍କ ଦ୍ୱାରା ଏପରି ପରିବର୍ତନ ହୋଇଯାଇଛି ଯେ ବର୍ତମାନ ଉକ୍ତ ପୁସ୍ତକ (ତୌରାତ୍ ଓ ଇଞ୍ଜିଲ୍) ଗୁଡିକୁ ଅଲ୍ଲାଃଙ୍କ ପୁସ୍ତକ କହିପାରିବା ନାହିଁ । ତେଣୁ ସେହି ଖୁଦାଙ୍କ ୱହି (ଭବିଷ୍ୟବାଣୀ) ଯାହା ମୋ ଉପରେ ଅବତୀର୍ଣ୍ଣ ହୋଇଛି ତାହା ଏପରି ବିଶ୍ୱସନୀୟ ଓ ଶୁଦ୍ଧ ଅଟେ ଯେ ଯାହା ମାଧ୍ୟମରେ ମୁଁ ନିଜର ଖୁଦାଙ୍କୁ ପାଇଯାଇଛି । ଏବଂ ଉକ୍ତ ଭବିଷ୍ୟବାଣୀ ଗୁଡିକ ନା କେବଳ ସ୍ୱର୍ଗୀୟ ଚିହ୍ନ ସହିତ ହକ୍‌କୁଲ୍ ୟକିନ୍ (ବାସ୍ତବିକ ବିଶ୍ୱାସ) ପର୍ଯ୍ୟନ୍ତ ପହଂଚିଛି ବରଂ ତାର ପ୍ରତ୍ୟେକ ଭାଗ ଯେତେବେଳେ ଅଲ୍ଲାଃତାଲାଙ୍କ ବାଣୀ ପବିତ୍ର କୋରାନ୍ ନିକଟରେ ଉପସ୍ଥାପନ କରାଗଲା ସେତେବେଳେ ତା ମୁତବକ ଏହା ପ୍ରମାଣିତ ହେଲା । ଏବଂ ତାହାର ପ୍ରମାଣୀକରଣ ପାଇଁ ସ୍ୱର୍ଗୀୟ ଚିହ୍ନମାନ ବର୍ଷା ସଦୃଶ ପ୍ରତ୍ୟୟମାନ ହେଲେ । ଉକ୍ତ ଦିନ ଗୁଡିକରେ ରମ୍‌ଜାନ୍ ମାସରେ ସୂର୍ଯ୍ୟ ଏବଂ ଚନ୍ଦ୍ରଗ୍ରହଣ ମଧ୍ୟ ହେଲା । ଯେପରି ଲେଖାଥିଲା ଯେ ଏହି ମେହେଦୀର ଆବିର୍ଭାବ ସମୟରେ ରମ୍‌ଜାନ୍ ମାସରେ ସୂର୍ଯ୍ୟ ଏବଂ ଚନ୍ଦ୍ରକୁ ଗ୍ରହଣ ଲାଗିବ ଏବଂ ସେହି ଦିନ ଗୁଡିକରେ ତାଉନ୍ (ପ୍ଲେଗ୍ ରୋଗ) ପଞ୍ଜାବରେ ବହୁଳ ଭାବେ ବ୍ୟାପିଥିଲା । ଯେପରି ପବିତ୍ର କୋରାନ୍‌ରେ ମଧ୍ୟ ଏହି ଖବର ଲିପିବଦ୍ଧ ଅଛି । ଏବଂ ପୂର୍ବରୁ ନବୀମାନେ ମଧ୍ୟ ଏହାର ଖବର ଦେଇଛନ୍ତି ଯେ ଏହି ଦିନମାନଙ୍କରେ ମରି (ମରଣ) ବହୁତ ହେବ । ଏବଂ ଏପରି ହେବ ଯେ କୌଣସି ଗ୍ରାମ ଓ ସହର ଉକ୍ତ ମରି (ମରଣ)ରୁ ବର୍ତି ପାରିବେ ନାହିଁ । ସୁତରାଂ ଏପରି ହେଲା ଏବଂ ହୋଇଚାଲିଛି ।

**(ତଜ୍‌କରତୁଶ୍ ଶାହାଦତୈନ୍, ରୁହାନି ଖଜାଏନ୍ ଖଣ୍ଡ-୨୦, ପୃଷ୍ଠା-୩-୪)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଧର୍ମ ଓ ବିବେକ ସ୍ୱାଧୀନତା

**(୫୩ ସର୍ବଧର୍ମ ସମ୍ମିଳନୀ ଅବସରରେ)**

'ସର୍ବ ଧର୍ମ' କହିଲେ ବିଶ୍ୱର ବିଭିନ୍ନ ଧର୍ମ ସଂସ୍ଥାପକଙ୍କ ଦ୍ୱାରା ପ୍ରବର୍ତ୍ତିତ ଧର୍ମ ସମୂହକୁ ବୁଝାଏ, ଯାହାର ମୂଳ ଆଧାର ହେଉଛି ମାନବ ଧର୍ମ । ୧୯୬୫ ଠାରୁ ଖୋର୍ଦ୍ଧା ପାଖ କେରଙ୍ଗ ଠାରେ ଅହମଦିୟା ମୁସଲିମ ସଂପ୍ରଦାୟ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ସମ୍ମିଳନୀ ଚଳିତ ମାସ ୮ ତାରିଖ ଠାରୁ ଆରମ୍ଭ ହେଉଛି । ତେବେ ଏହାର ମୂଳ ଲକ୍ଷ୍ୟ ଧର୍ମ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱରେ ରହି ଜଣେ ଅନ୍ୟର ଧର୍ମ ଭାବନା ପ୍ରତି ସମ୍ମାନ ଜଣାଇବା ଏବଂ ମଣିଷ ମଣିଷକୁ ଭଲ ପାଇବା । କିନ୍ତୁ ଧର୍ମ ମଧ୍ୟରେ ସମନ୍ୱୟ ଓ ସଦଭାବ ରକ୍ଷା କରିବା ପାଇଁ ଧାର୍ମିକ ସହନଶୀଳତା ଏକାନ୍ତ ଜରୁରୀ । ସେଥିପାଇଁ ଗୋଟିଏ ପ୍ଲାଟ୍‌ଫର୍ମରେ ମିଳିତ ହୋଇ ଏ ଦିଗରେ ଆଲୋଚନା କରିବା ତଥା ଆଜିକାଲି ଉତ୍କଟ ରୂପ ନେଇଥିବା ହିଂସା ଓ ଆତଙ୍କବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଏହି ସମ୍ମିଳନୀ ବ୍ୟାପକ ସୁଯୋଗ ଆଣି ଦେଇଥାଏ । ମନୁଷ୍ୟର ଧର୍ମଗତ ସ୍ୱାଧୀନତା ଦୃଷ୍ଟିକୋଣରୁ ଆମମାନଙ୍କ ଭୂମିକା କ'ଣ ହେବା ଉଚିତ, ତାହା ମଧ୍ୟ ଏକ ମୁଖ୍ୟ ପ୍ରସଙ୍ଗ ରୂପେ ସ୍ଥାନ ପାଇଥାଏ ।

ତେବେ ବିବେକ ସ୍ୱାଧୀନତା ଓ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ଏହା ପ୍ରତ୍ୟେକ ବ୍ୟକ୍ତିର ଜନ୍ମସିଦ୍ଧ ଅଧିକାର ହୋଇଥିବା ବେଳେ ଧର୍ମ ବିଶ୍ୱାସ ମନୁଷ୍ୟର ସଂପୂର୍ଣ୍ଣ ବ୍ୟକ୍ତିଗତ ଭାବନା । କିନ୍ତୁ ଯେତେବେଳେ ତାର ମାନବିକ ବିଚାରବୋଧ କ୍ଷୁର୍ଣ୍ଣ ହୁଏ ସେତେବେଳେ ପ୍ରତିବାଦର ସ୍ୱର ଗୁଞ୍ଜରିତ ହୁଏ । ତାହା ଆମେରିକାରେ ୨୦୧୨ ରେ ପ୍ରଦର୍ଶିତ ବିବାଦାତ୍ମକ ଚଳଚିତ୍ର Innocence of Muslim ହେଉ କିମ୍ବା ପ୍ୟାରିସରେ 'ଚର୍ଲି ହବଦୋ' ପତ୍ରିକାରେ ହଜରତ ମହମ୍ମଦଙ୍କ କାର୍ଟୁନ । ୮୦ ଦଶକରେ 'ମହମ୍ମଦ ଦି ଇଡିଅଟ୍' ଗଳ୍ପ କର୍ଣ୍ଣାଟକରେ ଯେପରି ବିଭ୍ରାଟ ସୃଷ୍ଟି କରିଥିଲା, ବଙ୍ଗଳା ଭାଷାରେ ଶ୍ରୀ ଚୈତନ୍ୟଙ୍କ ଜୀବନ ଚରିତ ଗ୍ରନ୍ଥ ମଧ୍ୟ ଧର୍ମୀୟ କାରଣରୁ ନିଷିଦ୍ଧ କରାଯାଇଥିଲା । ସେହିପରି ୧୯୪୯ରେ ଡ. ଆମ୍ବେଦକରଙ୍କ କାର୍ଟୁନକୁ ନେଇ ରାଜନୈତିକ ମହଲରେ ତୁମୁଳ କାଣ୍ଡ ସୃଷ୍ଟି ହୋଇଥିଲା । ତେବେ ଆଜିକାଲି ଏହା ଅତି ଉତ୍କଟ ଭାବରେ ଧାର୍ମିକ ଅସହିଷ୍ଣୁତାର ରୂପ ନେଇଛି । ଜଣେ ଅନ୍ୟର ପବିତ୍ର ଧର୍ମଗୁରୁ ଓ ପ୍ରବର୍ତ୍ତକମାନଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା ଓ ଅବତାରମାନଙ୍କ ପ୍ରତି କୁତ୍ସିତ ଆରୋପ ଲଗାଇବା ଏକ ସାଧାରଣ କଥା ହୋଇଗଲାଣି । ତାହା କେବେ ଫେସବୁକରେ ହିନ୍ଦୁ ଧର୍ମର ଦେବାଦେବୀ ତଥା ସାଧୁସନ୍ଥଙ୍କ ବିରୁଦ୍ଧରେ ଅସୂୟା ଭାବ ଦେଖାଇ ତ ପୁଣି କେବେ ଯୀଶୁ, ବୁଦ୍ଧ ଓ ଶିଖଧର୍ମଗୁରୁଙ୍କ ପ୍ରତି ଆପତ୍ତି ଜନକ ମନ୍ତବ୍ୟ ଲେଖାଯାଉଛି । ଏକ ପକ୍ଷେ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ଉପରେ କୁଠାରାଘାତ କରି ସ୍ୱଚ୍ଛ ସାମ୍ବାଦିକତା ଓ ଲେଖନୀ ଚାଳନାର କଣ୍ଠରୋଧ କରାଯାଉଛି ତ ଅନ୍ୟ ପକ୍ଷେ ସ୍ୱାଧୀନ ଅଭିବ୍ୟକ୍ତି ନାମରେ ହିଂସାତ୍ମକ ଆନ୍ଦୋଳନ ଦ୍ୱାରା ପୃଥିବୀର ଶାନ୍ତି ଓ ନିରାପତ୍ତା ବିପନ୍ନ ହେଉଛି ।

ଏହାର ନିଷ୍କର୍ଷ ହେଉଛି ଯେ ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ କାହାର ଭାବାବେଗକୁ ମାନସିକ ଆଘାତ ଦେବା ମଧ୍ୟରେ ଏକ ସୂକ୍ଷ୍ମ ସୀମାରେଖା ଟଣା ଯାଇଛି । ପ୍ରତ୍ୟେକ ବ୍ୟକ୍ତିର ଏହି ସ୍ୱାଧୀନତାର ସୀମା ସେହିଠାରେ ଶେଷ ହୋଇଯାଏ, ଯେଉଁଠାରେ ମୁକ୍ତ ବିଚାର ଭାବନାର ସରହଦ ଆରମ୍ଭ ହୁଏ । ସୁତରାଂ ୨୪ ସେପ୍ଟେମ୍ବର ୨୦୧୨ରେ ଅହମଦିୟା ସଂପ୍ରଦାୟର ପଂଚମ ଖଲିଫା ଏକ ପ୍ରେସ ବିବୃତି ରେ କହିଥିଲେ 'ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ପାଇଁ ଏକ ସୀମା ନିର୍ଦ୍ଧାରଣ କରାଯିବା ଆବଶ୍ୟକ, ଯଦ୍ଦ୍ୱାରା ଲୋକମାନଙ୍କ ଧର୍ମୀୟ ଭାବନା ସୁରକ୍ଷିତ ରହିପାରିବ ।' **(The Express Tribune, ANI)**

ଏହି ଦୃଷ୍ଟିରୁ ବିଚାର କଲେ କୋରାନ ଶିକ୍ଷାର ଏକ ମହତ୍ୱ ପୂର୍ଣ୍ଣ ଦିଗ ହେଉଛି, ବିବେକ ସ୍ୱାଧୀନତା । ବିଶ୍ୱାସ କରିବା ବା ପ୍ରତ୍ୟାଖ୍ୟାନ କରିବା ପାଇଁ ଈଶ୍ୱର ମନୁଷ୍ୟକୁ ସ୍ୱାଧୀନ ଅଭିରୁଚି ଦେଇଛନ୍ତି । ଧର୍ମରେ ବଳ ପ୍ରୟୋଗ କିମ୍ବା ହସ୍ତକ୍ଷେପ କରିବା ଲାଗି କାହାରିକୁ ଅନୁମତି ଦିଆଯାଇ ନାହିଁ । **(ଅଲ୍ ବକରା ୨୫୭)** ସେଥିପାଇଁ ସେ ସିଧାସଳଖ ପ୍ରଭୁଙ୍କ ଠାରେ ଦାୟୀ ରହିବ । କୌଣସି ଆଦର୍ଶକୁ ତା' ଉପରେ ଜୋର ଜବରଦସ୍ତ ଲଦି ଦିଆଯାଇ ପାରିବ ନାହିଁ କିମ୍ବା ସେ ଯାହା ବିଶ୍ୱାସ କରେ, ତାକୁ ପରିତ୍ୟାଗ କରିବା ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ । ସୁତରାଂ ସବୁ ଅବତାରଙ୍କ ପରି ଦିବ୍ୟ ବାର୍ତ୍ତାବହ ମହମ୍ମଦଙ୍କ ଭୂମିକା ଓ ଆଚରଣ ବିଧିକୁ ନିର୍ଦ୍ଧାରିତ କରାଯାଇଛି । ତେଣୁ କୋରାନରେ କୁହାଯାଇଛି 'ଆମ୍ଭେ ସେମାନଙ୍କ ପାଇଁ ତୁମକୁ ସଂରକ୍ଷକ ଭାବେ ନିଯୁକ୍ତ କରିନାହୁଁ । ଅଥବା ତୁମେ ସେମାନଙ୍କ ଅଭିଭାବକ ନୁହଁ ।' ଏହାର ପରବର୍ତ୍ତୀ ପଙ୍କ୍ତି ଏହିପରି: 'ଅଲ୍ଲାହ୍‌ଙ୍କ ବ୍ୟତୀତ ଅନ୍ୟ ଯେଉଁ ଉପାସ୍ୟ ଦେବାଦେବୀଙ୍କୁ ସେମାନେ ପ୍ରାର୍ଥନାରେ ଡାକନ୍ତି, ତୁମେ ସେମାନଙ୍କୁ ତିରସ୍କାର କର ନାହିଁ । ନଚେତ ସେମାନେ ଅଜ୍ଞାତବଶତଃ ଅଲ୍ଲାହ୍‌ଙ୍କୁ ତିରସ୍କାର କରିବେ । ଆମ୍ଭେ ପ୍ରତ୍ୟେକ ଜାତିର କର୍ମକୁ ସୁଶୋଭିତ କରି ଦେଖାଇଛୁ ।' **(ଅଲ୍ ଅନଆମ୍ ୧୦୮-୧୦୯)**

ଏହି ମହାନବାଣୀକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିବା ମସିହ ମଉଦ ବିବେକ ସ୍ୱାଧୀନତା ସପକ୍ଷରେ ଦୃଢ ପ୍ରଭାବଶାଳୀ ସ୍ୱର ଉତ୍ତୋଳନ କରିଥିଲେ । ସେହି ଯୁଗ ସଂସ୍କାରକ ହଜରତ ମିର୍ଜା ଗୁଲାମ ଅହମଦ (୧୮୩୫-୧୯୦୮) ଲେଖିଥିବା ୮୦ ଖଣ୍ଡ ପୁସ୍ତକରେ ଏହି ଭାବ ପ୍ରତିଫଳିତ ହୋଇଥିଲା । ତାଙ୍କ ମୃତ୍ୟୁ ପୂର୍ବରୁ ୧୯୦୮ରେ 'ପୈଗାମେ ସୁଲହା' ପୁସ୍ତକରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ରକ୍ଷା କରିବା ପାଇଁ ସେ କହିଥିଲେ 'ପ୍ରଭୁ ମୁସଲମାନମାନଙ୍କୁ ଏହି ଶିଷ୍ଟାଚାର ଶିଖାଇଛନ୍ତି ଯେ ଅନ୍ୟମାନଙ୍କ ଦେବାଦେବୀଙ୍କ ପ୍ରତି କୁତ୍ସା ରଟନା କରିବାରୁ ନିବୃତ ରହନ୍ତୁ । ବାକ ସଂଯମତା ରକ୍ଷା କରନ୍ତୁ ଏବଂ କେବଳ ନିଜ ମଧୁର ବଚନ ଓ କୋମଳ ସ୍ୱଭାବ ଦ୍ୱାରା ବୁଝାନ୍ତୁ । କାରଣ ଯୁକ୍ତି ଓ ପ୍ରବର୍ତନା ହିଁ ଏକମାତ୍ର ଅନୁମୋଦନୀୟ ପନ୍ଥା ।' **(ମୈତ୍ରୀ ସନ୍ଦେଶ ପୃ ୩୨)**

ଏହା କହିବାରେ କୌଣସି ଦ୍ୱିଧା ନାହିଁ ଯେ ସମଗ୍ର ମୁସଲିମ ଜଗତ ଆମର ପ୍ରିୟତମ ରସୁଲ ହଜରତ ମହମ୍ମଦଙ୍କୁ ନିଜ ପ୍ରାଣଠାରୁ ଅଧିକ ଭଲ ପାଆନ୍ତି । ଯେତେବେଳେ ତାଙ୍କର ଅଶ୍ଳୀଳ ଭିଡିଓ ଓ କାର୍ଟୁନ ପ୍ରଦର୍ଶିତ ହେଲା, ସମସ୍ତେ ଏଥିରେ ଗଭୀର ମର୍ମାହତ ହୋଇଥିଲେ । ଏଥିଯୋଗୁଁ ସେମାନେ କ୍ଷୋଭ ପ୍ରକାଶ କରିବା ଯଥାର୍ଥ ଓ ସ୍ୱାଭାବିକ ମଧ୍ୟ । କିନ୍ତୁ କେତେକ ମୁଷ୍ଟିମେୟ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଇସଲାମକୁ ବଦନାମ କରିବା ପାଇଁ ହିଂସାକାଣ୍ଡ ଓ ପୋଡାଜଳା ଘଟାଇଲେ ଯାହା କେବଳ ଅମାନୁଷିକତା ନୁହେଁ, ବରଂ ଇସଲାମ ଶିକ୍ଷା ବିରୋଧି କାର୍ଯ୍ୟ ଥିଲା । ସେମାନଙ୍କର ଏହି ପ୍ରତିକ୍ରୀୟା ହିଂସାରେ ନୁହେଁ, ବରଂ ଶାନ୍ତିପୂର୍ଣ୍ଣ ଉପାୟରେ ଦେଶର ଆଇନ ଭିତରେ ରହି ପ୍ରକାଶ କରାଯାଇ ପାରିଥାନ୍ତା । ମହମ୍ମଦଙ୍କ ଉତ୍ତମ ଜୀବନାଦର୍ଶକୁ ଅନୁଶୀଳନ କରି ଏହାର ଯଥାର୍ଥତାକୁ ସଂଘବଦ୍ଧ ଭାବରେ ପ୍ରତିପାଦନ କରିପାରିଲେ ହିଁ ସେମାନଙ୍କୁ ଏହାର ସମୁଚିତ ଜବାବ ମିଳିବ । କାରଣ ଯାହାକୁ ଅଭିବ୍ୟକ୍ତି ବା ବାକ ସ୍ୱାଧୀନତା କୁହାଯାଉଛି, ସେହି ଅଧିକାର ଭିତିରେ ହିଁ ଇସଲାମର ପ୍ରଚାର ଓ ପ୍ରସାର ହେବା ସମ୍ଭବ ।

ସୁତରାଂ ହଜରତ ମହମ୍ମଦ ଆରବର ନାଗରିକମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ଧାର୍ମିକ ସହିଷ୍ଣୁତାର ଏକ ଉତ୍କୃଷ୍ଟ ଉଦାହରଣ ଦେଖାଇ ଯାଇଛନ୍ତି । ଥରେ ନଜରାନରୁ ଆସିଥିବା ଖ୍ରୀଷ୍ଟ ମତାବଲମ୍ବୀଙ୍କୁ ସେ ମଦିନାର ମସଜିଦ ନବ୍ୱି (Prophet's Mosque) ଭିତରେ ଉପାସନା କରିବା ପାଇଁ ଅନୁମତି ଦେଇଥିଲେ । ସେମାନେ ପୂର୍ବ ଦିଗକୁ ମୁହଁ କରି ନିଜସ୍ୱ ବିଧିରେ ପ୍ରାର୍ଥନା କଲେ । ସେହିପରି ଦେଶର ସରହଦରେ ସେମାନଙ୍କୁ ମୁସଲିମ ସୈନ୍ୟଙ୍କ ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଇଥିଲା ।

ପୁଣି ଏକ ଶାନ୍ତି ଚୁକ୍ତିପତ୍ରରେ ସେ କହିଥିଲେ 'ଯେଉଁମାନେ ମୁସଲିମ ସରକାରଙ୍କ ଅଧୀନରେ ରହିଛନ୍ତି, ଯେହେତୁ ସେମାନେ ମୋର ପ୍ରଜା ତେଣୁ ସେମାନଙ୍କ ସମସ୍ତ ସୁରକ୍ଷା ଦାୟୀତ୍ୱ ବହନ କରିବା ମୋ ପକ୍ଷେ ଅନିବାର୍ଯ୍ୟ ।' ଖ୍ରୀଷ୍ଟିୟାନମାନଙ୍କୁ ସେମାନଙ୍କ ସହମତି ବିନା ମୁସଲିମ ସେନାବାହିନୀରେ ଯୁଦ୍ଧ ଅଭିଯାନରେ ସାମିଲ କରାଯିବ ନାହିଁ । ପାଦ୍ରୀମାନଙ୍କ ଠାରୁ ଜିଜିୟା କର ଆଦାୟ କରାଯିବ ନାହିଁ । ଯଦି କୌଣସି ମୁସଲମାନ ଖ୍ରୀଷ୍ଟିୟାନ ମହିଳାଙ୍କୁ ବିବାହ କରିଥିବେ, ତା'ହେଲେ ସେ ନିଜସ୍ୱ ଧର୍ମ ପାଳନ କରିବାର ସଂପୂର୍ଣ୍ଣ ସ୍ୱାଧୀନତା ପାଇବ । ଚର୍ଚ୍ଚ ଗୁଡିକର ମରାମତି ପାଇଁ ବିନା କୌଣସି ଧାର ସୂତ୍ରରେ ଆର୍ଥିକ ସାହାଯ୍ୟ ମିଳିବ । **(ଜାଦୁଲ୍ ମା'ଦ୍)**

ସୁତରାଂ ହଜରତ ମହମ୍ମଦ କେବଳ ଆଧାତ୍ମିକ ରାଜତ୍ୱର ସମ୍ରାଟ ନ ଥିଲେ, ବରଂ ସବୁ ଧର୍ମର ଅନୁଗାମୀଙ୍କ ନ୍ୟାୟାଧୀଶ ହୋଇ ନିରପେକ୍ଷ ପ୍ରଜାପାଳନ କରୁଥିଲେ । ତାଙ୍କ ଶାସନରେ ଦିୱାନି, ଫୌଜଦାରୀ ଅର୍ଥାତ ଅପରାଧିକ ଆଇନ ଓ ଆର୍ଥିକ ନ୍ୟାୟର ବ୍ୟବସ୍ଥା ରହିଥିଲା । ସେପରି ଜଣେ ଅବତାରୀ ମହାପୁରୁଷଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିବା କୌଣସି ମତେ ବାକ୍ ସ୍ୱାଧୀନତାର ପରିସରଭୁକ୍ତ ନୁହେଁ । ପ୍ରତ୍ୟେକ କାର୍ଯ୍ୟର ଏକ ସୀମା ଓ ଶୃଙ୍ଖଳା ରହିଛି । ତେଣୁ ଖଲିଫା ମହୋଦୟ କହିଛନ୍ତି: "ବିବେକ ସ୍ୱାଧୀନତାର ଅର୍ଥ ଏହା ଆଦୌ ନୁହେଁ ଯେ ଅନ୍ୟମାନଙ୍କ ଭାବନା ସହିତ ଖେଳିବା । ନା ଏହାକୁ ଧର୍ମ ନିରପେକ୍ଷତା କୁହାଯିବ ନା ଏହା ଅଭିବ୍ୟକ୍ତିର ସ୍ୱାଧୀନତା ବୋଲାଇବ । ଏ ପ୍ରକାର ସ୍ୱାଧିନତା ଯାହାପାଇଁ ପାଶ୍ଚାତ୍ୟ ଦେଶ ଗର୍ବ କରେ, ତାହା କୌଣସି ଉନ୍ନତି ଆଡକୁ ନେଇଯାଏ ନାହିଁ, ବରଂ ତାହା ନୈତିକ ଅବକ୍ଷୟ ଆଡକୁ ଗତି କରିଥାଏ ।"

**(ଇସଲାମ ଓ ବିବେକ ସ୍ୱାଧୀନତା ପୃ ୨୨)**

**ଇଂ. ରୌଶନ ଖାନ**

**ମୋ: ୯୪୩୭୬୮୪୮୫୯**

# ଖୁତ୍‌ବା ଜୁମା

◆ଅଲ୍ଲାଃତାଲାଙ୍କ କୃପାରୁ ବର୍ତମାନ ପୃଥିବୀରେ ଅନେକ ଦେଶରେ ଜାମିୟା ପ୍ରତିଷ୍ଠା ହୋଇଗଲାଣି । ଯେଉଁଠାରେ ମୁରବୀମାନେ ନିଜ ଶିକ୍ଷା (ଜାମିୟା ପାଠ୍ୟକ୍ରମ) ସମାପ୍ତ କରି କର୍ମ କ୍ଷେତ୍ରରେ ଯୋଗଦେଇ ଚାଲିଛନ୍ତି ।

◆ଜମାଅତକୁ ମୁରବୀ ଓ ମୁବଲିଗ୍‌ମାନଙ୍କର ଅବଶ୍ୟକତା ରହିଛି ଏବଂ ଏହି ଆବଶ୍ୟକତା ଦିନକୁ ଦିନ ବଢିଚାଲିଛି । ତେଣୁ ଅଧିକରୁ ଅଧିକ ୱାକ୍‌ଫିନେ ନୌ ଜାମିୟା ଅହେମଦିୟାରେ ଶିକ୍ଷା ହାସଲ କରିବା ନିମନ୍ତେ ଆସିବା ଆବଶ୍ୟକ । ଏଥି ନିମନ୍ତେ ପିତାମାତାମାନେ ଛୋଟବେଳୁ ନିଜ ପିଲାମାନଙ୍କର ଧ୍ୟାନ ଆକର୍ଷିତ କରିବା ସହିତ ସେମାନଙ୍କ ପ୍ରଶିକ୍ଷଣ କରିବା ଉଚିତ୍ । ଯଦ୍ୱାରା ଜାମିୟାରେ ଅଧ୍ୟୟନ କରିବା ନିମନ୍ତେ ସେମାନଙ୍କ ମନରେ ଆଗ୍ରହ ଜାତ ହେବ ।

◆ସେହିପରି ସଦର୍ ଓ ଅମିରମାନଙ୍କୁ ମଧ କହିବାକୁ ଚାହେଁ ଯେ, ସେମାନେ ମୁରବୀମାନଙ୍କର ଆଦର ଓ ସମ୍ମାନ କରିବା ଅପରିହାର୍ଯ୍ୟ । ସଦର ଓ ଅମିରମାନଙ୍କୁ ମଧ ମୁଁ କହିବାକୁ ଚାହେଁ ଯେ, ମୁରବୀମାନଙ୍କ ଆଦର ଓ ସମ୍ମାନ କରିବା ସହିତ ତାଙ୍କର ସାହାର୍ଯ୍ୟ ସହଯୋଗ ଓ ପରାମର୍ଶ ନେଉଥିବା ବ୍ୟକ୍ତି ସଦର ଓ ଅମିର ଜମାଅତଙ୍କୁ ହେବା ଉଚିତ୍ ।

◆ଏହିପରି ବାକି କର୍ମକର୍ତାମାନେ ମଧ ନିଜ ନିଜ ସୀମାରେ ରହି ମୁରବୀମାନଙ୍କ ସାହାର୍ଯ୍ୟ ସହଯୋଗ କରିବା ଉଚିତ୍ । ମୁରବୀମାନେ ମଧ ପୂର୍ଣ୍ଣ ନମ୍ରତା ଓ ଧର୍ମପରାୟଣତାର ସହ ସଦର ଜମାଅତ ଓ ଅମିରଙ୍କ ସହ ପୂର୍ଣ୍ଣ ସହଯୋଗ କରନ୍ତୁ ।

◆ଆମର ଉଦ୍ଦେଶ୍ୟ ଗୋଟିଏ ତାହା ଏହି କି ଯେ, ଜମାଅତର ସଦସ୍ୟମାନଙ୍କ ଧାର୍ମିକ ଜ୍ଞାନର ଅଭିବୃଦ୍ଧି, ପ୍ରଶିକ୍ଷଣ ତଥା ଜମାଅତି ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା, ଖିଲାଫତ ସହ ସମ୍ପର୍କ ଯୋଡ଼ିବା ଓ ଏକେଶ୍ୱରବାଦର ପ୍ରତିଷ୍ଠା କରିବା । ଇସଲାମର ପ୍ରକୃତ ଶିକ୍ଷାକୁ ସଂସାରରେ ପ୍ରଚାର ଓ ପ୍ରସାର କରିବା ।

◆ଚାରିତ୍ରିକ ସୁଗୁଣକୁ ସର୍ବତ୍ର ପ୍ରସାର କର ଏବଂ ଏହା ସେତେବେଳେ ସମ୍ଭବ ଯେତେବେଳେ ସହାନୁଭୂତି, ପ୍ରେମ ଓ କ୍ଷମା ଆଚରଣକୁ ସମସ୍ତଙ୍କ ପାଇଁ ଉନ୍ମୁକ୍ତ କରି ସମସ୍ତ ଅଭ୍ୟାସ ମଧ୍ୟରୁ ଦୟା ଓ କ୍ଷମାକୁ ପ୍ରାଥମିକତା ଦିଆଯାଏ ।

◆ସଦର, ଅମିର ଓ ଜମାଅତର ସମସ୍ତ କର୍ମକର୍ତାମାନଙ୍କର କର୍ତବ୍ୟ କି ସେମାନେ ମୁରବୀ ଓ ଜୀବନ ଉତ୍ସର୍ଗୀମାନଙ୍କର ଆଦର, ସମ୍ମାନ ନିଜ ଅନ୍ତରରୁ କରିବା ସହିତ ଜମାଅତର ସଦସ୍ୟମାନଙ୍କ ମଧରେ ଏହି ଭାବନା ଜାଗ୍ରତ କରାନ୍ତୁ । ସେମାନଙ୍କ ସମ୍ମାନ କରିବା ଓ କରାଇବା ଆପଣମାନଙ୍କ କାର୍ଯ୍ୟ । ଏତତ୍ ଦ୍ୱାରା ମୁରବୀ, ମୁବଲିଗ୍ ଓ ଉତ୍ସର୍ଗୀମାନଙ୍କ ସ୍ତରର ଗୁରୁତ୍ୱ ସ୍ପଷ୍ଟ ହୋଇଥାଏ ଏବଂ ଅଧିକରୁ ଅଧିକ ଯୁବକ ଜମାଅତର ସେବା (କରିବା) ନିମନ୍ତେ ନିଜକୁ ଉତ୍ସର୍ଗ କରିଥାନ୍ତି । ୱାକ୍‌ଫିନେ ନୌ ପିଲାମାନଙ୍କୁ ମଧ ସମ୍ପୂର୍ଣ୍ଣ ରୂପେ ନିଜକୁ ଏହି ସେବା ନିମନ୍ତେ ଅର୍ପଣ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ଉଚିତ୍ ଯଦ୍ୱାରା ସେମାନଙ୍କ ଏଥିପ୍ରତି ଆଗ୍ରହ ବଢ଼ିବ ।

◆ୱାକଫିନେ ନୌ ଯୁବପିଢ଼ୀ ଓ କର୍ମକ୍ଷେତ୍ରରେ ଥିବା ନୂତନ ମୁରବୀମାନଙ୍କୁ ମଧ ମୁଁ କହିବାକୁ ଚାହେଁ ଯେ, ସଂସାରବାସୀ ଆପଣଙ୍କ ମର୍ଯ୍ୟାଦା ବୁଝନ୍ତୁ ଅବା ନବୁଝନ୍ତୁ । କୌଣସି ସଦର, ଅମିର, କର୍ମକର୍ତା ଓ ଜମାଅତର ସଦସ୍ୟ ଆପଣଙ୍କର ଆଦର ସମ୍ମାନ କରନ୍ତୁ ଅବା ନକରନ୍ତୁ, ଆପଣମାନେ ବଳିଦାନ କରିବାର ଅଲ୍ଲାଃଙ୍କ ସହ ଯେଉଁ ପ୍ରତିଜ୍ଞା କରିଛନ୍ତି ତାହାକୁ ସ୍ୱଚ୍ଛ ହୃଦୟର ସହ ସମ୍ପାଦନ କରିଚାଲନ୍ତୁ ।

◆ଓହଦାଦାର୍‌ମାନେ ବିଶେଷ କରି ସଦର ଓ ଅମିର ସାହେବମାନଙ୍କୁ ଏକଥା ମନେରଖିବା ଉଚିତ୍ ଯେ, ଜମାଅତର ସଦସ୍ୟମାନଙ୍କୁ ନିଶ୍ଚିନ୍ତ କରିଦିଅ କି ସେ ସୁରକ୍ଷିତ ଛତ୍ରଛାୟା ତଳେ ରହିଛନ୍ତି । ସର୍ବଦା ପ୍ରତ୍ୟେକଙ୍କ ସହ ନମ୍ରତା ଓ ଖୁସିର ସହ କଥାବାର୍ତା କରନ୍ତୁ । କାର୍ଯ୍ୟାଳୟର ଚୌକି ଆପଣଙ୍କୁ ଅହଂକାରୀ କରିବା ପରିବର୍ତେ ନମ୍ର କରିବା ଉଚିତ୍ । ପ୍ରତ୍ୟେକ କର୍ମକର୍ତା ଓ ମୁରବୀଙ୍କ ଦ୍ୱାର ସର୍ବଦା ଜମାଅତର ପ୍ରତ୍ୟେକ ସଦସ୍ୟମାନଙ୍କ ପାଇଁ ଉନ୍ମୁକ୍ତ ରହିବା ଉଚିତ୍ । ମାମଲାଗୁଡ଼ିକୁ ଲଟକାଇ ରଖିବା ପରିବର୍ତେ ଶିଘ୍ର ସମାଧାନ କରନ୍ତୁ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୧୦ ମାର୍ଚ୍ଚ ୨୦୧୭ ଅନୁଯାୟୀ ୧୦ ଅମାନ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
إِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଅଲ୍ଲାଃତାଲାଙ୍କ କୃପାରୁ ବର୍ତମାନ ପୃଥିବୀରେ ଅନେକ ଦେଶରେ ଜାମିୟା ପ୍ରତିଷ୍ଠା ହୋଇଗଲାଣି । ଯେଉଁଠାରେ ମୁରବୀମାନେ ନିଜ ଶିକ୍ଷା (ଜାମିୟା ପାଠ୍ୟକ୍ରମ) ସମାପ୍ତ କରି କର୍ମ କ୍ଷେତ୍ରରେ ଯୋଗଦେଇ ଚାଲିଛନ୍ତି । ବିଗତ ଦିନରେ ଇଂଲଣ୍ଡ ଓ କାନେଡ଼ା ଜାମିୟାରୁ ଉତିର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ଏକ ମିଳିତ ସମାବର୍ତନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେମାନେ ଶାହିଦ୍ ଡ଼ିଗ୍ରୀ ନେଇ ମୁରବୀ ଭାବରେ ଧର୍ମ ସେବା ନିମନ୍ତେ ନିଜକୁ ଅର୍ପଣ କରିଦେଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ୱକ୍‌ଫେ ନୌରେ ଅନ୍ତର୍ଭୁକ୍ତ ଅଛନ୍ତି । ୟୁରୋପର ଦେଶମାନଙ୍କରେ ଯେଉଁଠାରେ ସାଂସାରିକ ଚାକଚକ୍ୟ ସର୍ବୋଚ୍ଚ ସ୍ତର ଅଧିକାର କରିଛି । ଏପରିସ୍ଥଳେ ଏମାନେ ନିଜକୁ ଉତ୍ସର୍ଗ କରି ଅଲ୍ଲାଃଙ୍କ ସୈନିକମାନଙ୍କ ମଧ୍ୟରେ

ଅନ୍ତର୍ଭୁକ୍ତ କରିବା ପାଇଁ ଅର୍ପଣ କରିବା ନିଶ୍ଚିତ ଭାବରେ ସୌଭାଗ୍ୟର କଥା କାରଣ ଏମାନେ ଧର୍ମକୁ ପ୍ରାଥମିକତା ଦେବାର ପ୍ରତିଜ୍ଞାକୁ ବାସ୍ତବରେ ପୂରଣ କରିଛନ୍ତି । କିନ୍ତୁ ମନେରଖିବା ଉଚିତ୍ ଯେ, ଏସବୁ ଅଲ୍ଲାଃଙ୍କ କୃପା ବ୍ୟତୀତ ସମ୍ଭବ ନୁହେଁ । ସୁତରାଂ ଅଲ୍ଲାଃଙ୍କ କୃପା ଲାଭ ନିମନ୍ତେ ସର୍ବଦା ତାଙ୍କ ନିକଟରେ ନତମସ୍ତକ ହେବା ଉଚିତ୍ । ମୁଁ ଉକ୍ତ ବିଦାୟ ଉତ୍ସବରେ କହିଥିଲି ଜମାଅତକୁ ମୁରବୀ ଓ ମୁବଲିଗ୍ମାନଙ୍କର ଅବଶ୍ୟକତା ରହିଛି ଏବଂ ଏହି ଆବଶ୍ୟକତା ଦିନକୁ ଦିନ ବଢିଚାଲିଛି । ତେଣୁ ଅଧିକରୁ ଅଧିକ ୱାକ୍ଫିନେ ନୌ ଜାମିୟା ଅହେମଦିୟାରେ ଶିକ୍ଷା ହାସଲ କରିବା ନିମନ୍ତେ ଆସିବା ଆବଶ୍ୟକ । ଏଥି ନିମନ୍ତେ ପିତାମାତାମାନେ ଛୋଟବେଳୁ ନିଜ ପିଲାମାନଙ୍କର ଧ୍ୟାନ ଆକର୍ଷିତ କରିବା ସହିତ ସେମାନଙ୍କ ପ୍ରଶିକ୍ଷଣ କରିବା ଉଚିତ୍ । ଯଦ୍ଦ୍ୱାରା ଜାମିୟାରେ ଅଧ୍ୟୟନ କରିବା ନିମନ୍ତେ ସେମାନଙ୍କ ମନରେ ଆଗ୍ରହ ଜାତ ହେବ

ୱାକ୍ଫିନେ ନୌ ପିଲାମାନଙ୍କୁ ଜାମିୟାରେ ପ୍ରବେଶ କରିବା ନିମନ୍ତେ ଚେଷ୍ଟା କରିବା ଉଚିତ୍ ଏବଂ ଯେପରି ମୁଁ କହିଲି ଏଥିପାଇଁ ପିତାମାତାମାନେ ସେମାନଙ୍କୁ ପ୍ରସ୍ତୁତ କରିବା ଉଚିତ୍ । ବର୍ତ୍ତମାନ ସମୟରେ କର୍ମକ୍ଷେତ୍ରରେ ମୁରବୀମାନଙ୍କ ମନରେ କେତେକ ପ୍ରଶ୍ନ ଉଠୁଅଛି ଯାହାକି ସେମାନେ ପଚାରିଥାନ୍ତି ମଧ୍ୟ । ସୁତରାଂ ସେଗୁଡ଼ିକର ମଧ୍ୟ ଚର୍ଚ୍ଚା କରିଦେଉଛି । ଯେମିତି କି ସେମାନେ ପଚାରିଥାନ୍ତି ଯେ, ଆମ କାର୍ଯ୍ୟରେ ସଦର ଜମାଅତ କେଉଁ ପର୍ଯ୍ୟନ୍ତ ହସ୍ତକ୍ଷେପ କରିପାରିବେ । ଆମ ଓ ତାଙ୍କର ସୀମା ସମ୍ବନ୍ଧରେ ଅବଗତ ହେବା ଅତ୍ୟନ୍ତ ଜରୁରୀ । କେତେକ ସମୟରେ ମୁରବୀ ଗୋଟିଏ କଥାକୁ ତରବିୟତ୍ ଦୃଷ୍ଟିରୁ ଉତମ ମଣିଥାଏ ଓ ତାହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଚେଷ୍ଟା କରିଥାଏ କିନ୍ତୁ ସେତେବେଳେ ସଦର ଜମାଅତ କହିଥାନ୍ତି କି ମୋ ମତରେ ଏଭଳି କରିବା ଉଚିତ୍ ନୁହେଁ । ଏଥିସମ୍ବନ୍ଧରେ ମୁରବୀମାନଙ୍କୁ ପ୍ରଥମ କଥା ମନେରଖିବା ଉଚିତ୍ ଯେ, ଜମାଅତର ବ୍ୟବସ୍ଥା ଅନୁଯାୟୀ ଯେଉଁମାନେ ନିଯୁକ୍ତ ହୋଇଥାନ୍ତି ସେମାନଙ୍କର ଆଜ୍ଞାକାରୀ ହେବା ଉଚିତ୍ । ଯଦି କୌଣସି ଅନ୍ୟାୟ ହୁଏ ତେବେ ନିଜ ସ୍ଥାନୀୟ ଅବା ଜିଲ୍ଲାର ଅମୀର କିମ୍ବା ମରକଜ୍ କିମ୍ବା ମୋତେ ଲେଖିପାରିବେ । ସେହିପରି ସଦର୍ ଓ ଅମିରମାନଙ୍କୁ ମଧ୍ୟ କହିବାକୁ ଚାହେଁ ଯେ, ସେମାନେ ମୁରବୀମାନଙ୍କର ଆଦର ଓ ସମ୍ମାନ କରିବା ଅପରିହାର୍ଯ୍ୟ । ସଦର ଓ ଅମିରମାନଙ୍କୁ ମଧ୍ୟ ମୁଁ କହିବାକୁ ଚାହେଁ ଯେ, ମୁରବୀମାନଙ୍କ ଆଦର ଓ ସମ୍ମାନ କରିବା ସହିତ ତାଙ୍କର ସାହାର୍ଯ୍ୟ ସହଯୋଗ ଓ ପରାମର୍ଶ ନେଉଥିବା ବ୍ୟକ୍ତି ସଦର ଓ ଅମିର ଜମାଅତଙ୍କୁ ହେବା ଉଚିତ୍ । ଏହିପରି ବାକି କର୍ମକର୍ତାମାନେ ମଧ୍ୟ ନିଜ ନିଜ ସୀମାରେ ରହି ମୁରବୀମାନଙ୍କ ସାହାର୍ଯ୍ୟ ସହଯୋଗ କରିବା ଉଚିତ୍ । ମୁରବୀମାନେ ମଧ୍ୟ ପୂର୍ଣ୍ଣ ନମ୍ରତା ଓ ଧର୍ମପରାୟଣତାର ସହ ସଦର ଜମାଅତ ଓ ଅମିରଙ୍କ ସହ ପୂର୍ଣ୍ଣ ସହଯୋଗ କରନ୍ତୁ । ଆମର ଉଦ୍ଦେଶ୍ୟ ଗୋଟିଏ ତାହା ଏହି କି ଯେ, ଜମାଅତର ସଦସ୍ୟମାନଙ୍କ ଧାର୍ମିକ ଜ୍ଞାନର ଅଭିବୃଦ୍ଧି, ପ୍ରଶିକ୍ଷଣ ତଥା ଜମାଅତି ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା, ଖିଲାଫତ ସହ ସମ୍ପର୍କ ଯୋଡ଼ିବା ଓ ଏକେଶ୍ୱରବାଦର ପ୍ରତିଷ୍ଠା କରିବା । ଇସଲାମର ପ୍ରକୃତ ଶିକ୍ଷାକୁ ସଂସାରରେ ପ୍ରଚାର ଓ ପ୍ରସାର କରିବା । ତେବେ ଏଥିରେ ସୀମା ଓ ଅଧିକାରର ପ୍ରଶ୍ନ ଉଠୁଛି କେଉଁଠି । ବରଂ ପରସ୍ପର ସହ ମିଳିମିଶି ଏକ ହୋଇ କାମ କରିବା ଉଚିତ୍ । ଅଲ୍ଲାଃତାଲାଙ୍କର ଏହି ମୂଳ ଆଦେଶକୁ ସର୍ବଦା ସମ୍ମୁଖରେ ରଖିବା କି **ୱତାଆ ୱନୁ ଅଲଲ୍ ବିର୍‌ରେ ୱତ୍ ତକୱା** ଅର୍ଥାତ ପୁଣ୍ୟ ଓ ଧର୍ମଭୀରୁତାରେ ପରସ୍ପରକୁ ସାହାର୍ଯ୍ୟ କର ଜମାଅତର କୌଣସି ପ୍ରକାରର ସେବା କରିବାକୁ ମିଳୁ ନା କାହିଁକି, ତାଠାରୁ ବଳି ପୁଣ୍ୟ ଅନ୍ୟ କିଛି ନୁହେଁ । ମନେରଖ ସେବା କରିବା ନିମନ୍ତେ ଧର୍ମଭୀରୁତା ଅପରିହାର୍ଯ୍ୟ । ସୁତରାଂ ଜମାଅତର ସେବା ନିମନ୍ତେ ଧର୍ମଭୀରୁତା ହିଁ ପ୍ରକୃତ ଓ ସ୍ୱୀକାର ଯୋଗ୍ୟ ସେବା କରିବାର ସୁଯୋଗ ଓ ଶକ୍ତି ପ୍ରଦାନ କରିଥାଏ । ଏହି କାର୍ଯ୍ୟ ହିଁ ଅଲ୍ଲାଃଙ୍କ ସାନିଧ୍ୟ ଲାଭ କରାଇଥାଏ । କିଛି ସ୍ଥାନ ଯେଉଁଠାରେ କି ସଦର ଅବା କର୍ମକର୍ତା ଅବା ମୁରବୀମାନଙ୍କ ସମ୍ପର୍କରେ ଦୁର୍ବଳତା କିମ୍ବା ଛୋଟ ଛୋଟ କଥାରେ ଅଭିଯୋଗ କିମ୍ବା ତିକ୍ତତା ଦେଖାଦିଏ ତେବେ ସେଠାରେ ସଇତାନ ପ୍ରବେଶ କରିବାକୁ ଚେଷ୍ଟା କରିଥାଏ । ଏପରି ପରିସ୍ଥିତିରେ ପୁଣ୍ୟ ଓ ଧର୍ମଭୀରୁତାର ମୂଳଦୁଆ ଆନ୍ଦୋଳିତ ହେବା ଆରମ୍ଭ ହୋଇଥାଏ । କିଛି ଲୋକ ମୁରବୀମାନଙ୍କ ଶୁଭକାଂକ୍ଷୀ ସାଜି ତାଙ୍କୁ କହିଥାନ୍ତି କି ତୁମ୍ ସହିତ ସଦର ସାହେବ ଉତମ ବ୍ୟବହାର କଲେ ନାହିଁ । ଆଉ କିଛି ସଦରଙ୍କୁ କହିଥାନ୍ତି କି ମୁରବୀ ସାହେବଙ୍କୁ ଏପରି ବ୍ୟବହାର କରିବାର ନଥିଲା । ଏହାର ଫଳସ୍ୱରୂପ ଲୋକମାନଙ୍କ ମଧ୍ୟରେ ଅଶାନ୍ତିକର ପରିବେଶ ଦେଖାଦେଇଥାଏ । ହଜରତ ମସିହ ମଉଦ ଆ.ସ କୁହନ୍ତି- ଦେଖ ସେ ଜମାଅତ ପ୍ରକୃତ ଜମାଅତ ନୁହେଁ ଯାହାର ସଦସ୍ୟମାନେ ପରସ୍ପରକୁ ଖାଇବା ଆରମ୍ଭ କରିଦେଇଥାନ୍ତି ଏବଂ ଯେତେବେଳେ ଚାରି ଜଣ ଏକତ୍ର ବସନ୍ତି ସେମାନେ ନିଜ ଗରୀବ ଭାଇର ଦୋଷ, ଦୁର୍ବଳତାର ଚର୍ଚ୍ଚା କରିଥାନ୍ତି । ଆପଣ କୁହନ୍ତି- ଆମ୍ଭକୁ ଏଭଳି (ଆଚରଣ) କଦାପି କରିବା ଉଚିତ୍ ନୁହେଁ ବରଂ ସମସ୍ତେ ଏକତ୍ରିତ ଓ ଏକ ହୋଇଯାଅ କାରଣ ଏକତା ହିଁ ଶକ୍ତି ଏବଂ ଏତତ୍ ଦ୍ୱାରା ପ୍ରେମ, ଭଲପାଇବା ଓ ବରକତ ଉତ୍ପନ୍ନ ହୋଇଥାଏ । ହଜୁର କୁହନ୍ତି ଚାରିତ୍ରିକ ସୁଗୁଣକୁ ସର୍ବତ୍ର ପ୍ରସାର କର ଏବଂ ଏହା ସେତେବେଳେ ସମ୍ଭବ ଯେତେବେଳେ ସହାନୁଭୂତି, ପ୍ରେମ ଓ କ୍ଷମା ଆଚରଣକୁ ସମସ୍ତଙ୍କ ପାଇଁ ଉନ୍ମୁକ୍ତ କରି ସମସ୍ତ ଅଭ୍ୟାସ ମଧ୍ୟରୁ ଦୟା ଓ କ୍ଷମାକୁ ପ୍ରାଥମିକତା ଦିଆଯାଏ ।

ହଜୁର ଅନୱର ଅ.ବ କହିଲେ- ମୋର ଏସବୁ ଚର୍ଚ୍ଚା କରିବାରେ

ଉଦ୍ଦେଶ୍ୟ ଏହା ନୁହେଁ ଏବଂ ଅଲ୍ଲାଃ ନକରନ୍ତୁ କି ଜମାଅତର କର୍ମକର୍ତ୍ତା, ସଦର, ଅମିର ଓ ମୁରବୀମାନଙ୍କ ମଧ୍ୟରେ ମତଭେଦ ରହିଛି, କଦାପି ନୁହେଁ । ଏ ସମସ୍ତ କଥା ମୁଁ ଏଥିପାଇଁ ଖୋଲିକରି ବର୍ଣ୍ଣନା କରିଦେଲି କି ସଦର, ଅମିର ଓ ମୁରବୀମାନଙ୍କୁ ମନେପକାଇ ଦେବା ପାଇଁ କି ସେମାନଙ୍କ କାର୍ଯ୍ୟର ପରିସୀମା ବେଶ୍ ବିସ୍ତିର୍ଣ୍ଣ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ ଆମ ସମ୍ମୁଖରେ ରହିଛି । ଅଲ୍ଲାଃ ନକରନ୍ତୁ ଯଦି କଦାଚିତ୍ ଏଭଳି ମତଭେଦ ଦେଖାଦେଲା ତେବେ ସଙ୍ଗେସଙ୍ଗେ ତାହାର ସମାଧାନ କରିବା ଉଚିତ୍ । କାରଣ କେତେକ ସମୟରେ ଦେଖାଯାଏ କି ପାସ୍ପରିକ ମତଭେଦ ନିଜ ଭିତରେ ନରହି, ତାହାର ପ୍ରଭାବ ଜମାଅତର ସଦସ୍ୟମାନଙ୍କ ଉପରେ ପଡ଼ିଥାଏ ଏବଂ ଯେପରି ମୁଁ କହିଆସିଲି ସଇତାନ ଏହାର ଅନାବଶ୍ୟକ ଲାଭ ଉଠାଇଥାଏ । ତେଣୁ ସର୍ବଦା ନିଜ ସମ୍ମୁଖରେ ବଡ଼ ଲକ୍ଷ ରଖିବା ଉଚିତ୍ ଯେ, ଜମାଅତର (ସଦସ୍ୟମାନଙ୍କର) ଜ୍ଞାନ ଓ ଆଧାତ୍ମିକତାରେ ଅଭିବୃଦ୍ଧି ତଥା ବ୍ୟବସ୍ଥା ମୂଳକ କର୍ତବ୍ୟ ଯାହାକି ସେମାନଙ୍କ ଉପରେ ନ୍ୟସ୍ତ ରହିଛି, ତାହା ଉଭୟ (କର୍ମକର୍ତ୍ତା ଓ ମୁରବୀମାନେ) ମିଳିତ ଭାବରେ ସମ୍ପାଦନ କରିବା ଉଚିତ୍ । ହଜରତ ମସିହ ମଉଦ ଆ.ସ ବେଶ୍ ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି ଯେ, ସଠିକ୍ ପରିଣାମ ସେତେବେଳେ ଲାଭ ହୋଇଥାଏ ଯେତେବେଳେ ମିଳିମିଶି କାର୍ଯ୍ୟ କରାଯାଏ । ଆପଣ କୁହନ୍ତି ଯେଉଁ ମାର୍ଗ ଦୁଇ ପାଦରେ ଅତିକ୍ରମ କରିବାର ଆବଶ୍ୟକତା ରହିଛି, ତାହା ମାତ୍ର ଗୋଟିଏ ପାଦରେ ଅତିକ୍ରମ କରିବା ସମ୍ଭବ ନୁହେଁ ।

ସୁତାରଂ ନା ସଦର ଓ ନା ଅମିର ସମସ୍ତ କ୍ଷମତା ନିଜ ଅଧିନରେ ରଖି ନିଜ ମନ ମୁତାବକ କାର୍ଯ୍ୟ କରିବା ଉଚିତ୍ । ନା ମୁରବୀମାନେ ନିଜ ରାଏକୁ ସଠିକ୍ ମଣି କାର୍ଯ୍ୟ କରିବା ଉଚିତ୍ ବରଂ ସାହାର୍ଯ୍ୟ ସହଯୋଗର ସହିତ ସମସ୍ତ କାର୍ଯ୍ୟ ତୁଲାଇବା ଉଚିତ୍ । କାରଣ ମୁରବୀର କର୍ତବ୍ୟ ଜମାଅତର ତରବିୟତ୍ କରିବା ଅଟେ । ଯେପରିକି ମୁଁ କହିଲି ସେମାନଙ୍କ ଧାର୍ମିକ ଜ୍ଞାନ ଓ ଧର୍ମଭୀରୁତାର ସ୍ତର ଅନ୍ୟମାନଙ୍କ ତୁଳନାରେ ଅଧିକ ଥାଏ ଓ ହେବା ମଧ୍ୟ ଉଚିତ୍ ଏବଂ ସେମାନଙ୍କୁ ନିଜ ଜ୍ଞାନ, ଆଧାର୍ମିକ ସ୍ତରକୁ ସର୍ବଦା ବଢେଇ ଚାଲିବା ଉଚିତ୍ । ଯେତେବେଳେ ମୁରବୀମାନେ ଏକଥା ବୁଝିଯିବେ ଓ ଏଥି ମୁତାବକ ଅମଲ କରିବେ ସେତେବେଳେ କର୍ମକର୍ତ୍ତା ଓ ଜମାଅତର ସଦସ୍ୟମାନଙ୍କ ମଧ୍ୟରେ ସ୍ୱୟଂ ମୁରବୀମାନଙ୍କ ଆଦର ଓ ସମ୍ମାନ ଉତ୍ପନ୍ନ ହୋଇଯିବ । ସଦର ଓ ଅମିର ଜମାଅତକୁ ମନେରଖିବା ଉଚିତ୍ ଯେ, ଯେଉଁସ୍ଥଳେ ବ୍ୟବସ୍ଥା ପରିଚାଳକ ହୋଇ ଜମାଅତର ବ୍ୟବସ୍ଥାକୁ ସୁଚାରୁ ରୂପେ ଚଳାଇବା ସେମାନଙ୍କ ଦାୟିତ୍ୱ ଏବଂ ସେଥିପାଇଁ ସେମାନଙ୍କୁ ଖଲିଫା ନିଜର ପ୍ରତିନିଧି କରିଛନ୍ତି । ସେହିପରି ଜମାଅତର ଧାର୍ମିକ ତଥା ଆଧାତ୍ମିକ ଉନ୍ନତି ଓ ବିକାଶ ନିମନ୍ତେ ଆବଶ୍ୟକ ମାଧ୍ୟମଗୁଡ଼ିକ ବ୍ୟବହାର କରିବା ମୁରବୀମାନଙ୍କ କର୍ତବ୍ୟ ଏବଂ ସେମାନେ ଏଥିପାଇଁ ଖଲିଫାଙ୍କର ପ୍ରତିନିଧି ଅଟନ୍ତି । ସୁତରାଂ ଅମିର, ସଦର ତଥା ମୁରବୀମାନଙ୍କ ପରସ୍ପରର ସାହାର୍ଯ୍ୟ ସହଯୋଗ କରିବା ସହିତ ଯୋଜନା ବଦ୍ଧ ଭାବରେ କାର୍ଯ୍ୟ କରିବା ଉଚିତ୍ । ତେବେଯାଇ ଜମାଅତ ବ୍ୟବସ୍ଥା ଦୃଷ୍ଟିରୁ ମଜବୁତ୍ ହେବା ସହିତ ଜ୍ଞାନ ଓ ଆଧାତ୍ମିକ ସ୍ତରରେ ଉନ୍ନତି କରିବ ।

ପୂର୍ବରୁ ମୁଁ ସଂକ୍ଷିପ୍ତରେ ଆଲୋଚନା କରି ଆସିଲି ଏବଂ ପୁନର୍ବାର ଦର୍ଶାଇ ଦେଉଛି ଯେ, ସଦର, ଅମିର ଓ ଜମାଅତର ସମସ୍ତ କର୍ମକର୍ତ୍ତାମାନଙ୍କର କର୍ତବ୍ୟ କି ସେମାନେ ମୁରବୀ ଓ ଜୀବନ ଉତ୍ସର୍ଗୀମାନଙ୍କର ଆଦର, ସମ୍ମାନ ନିଜ ଅନ୍ତରରୁ କରିବା ସହିତ ଜମାଅତର ସଦସ୍ୟମାନଙ୍କ ମଧ୍ୟରେ ଏହି ଭାବନା ଜାଗ୍ରତ କରାନ୍ତୁ । ସେମାନଙ୍କ ସମ୍ମାନ କରିବା ଓ କରାଇବା ଆପଣମାନଙ୍କ କାର୍ଯ୍ୟ । ଏତତ୍ ଦ୍ୱାରା ମୁରବୀ, ମୁବଲିଗ୍ ଓ ଉତ୍ସର୍ଗୀମାନଙ୍କ ସ୍ତରର ଗୁରୁତ୍ୱ ସ୍ପଷ୍ଟ ହୋଇଥାଏ ଏବଂ ଅଧିକରୁ ଅଧିକ ଯୁବକ ଜମାଅତର ସେବା (କରିବା) ନିମନ୍ତେ ନିଜକୁ ଉତ୍ସର୍ଗ କରିଥାନ୍ତି । ୱାକ୍‌ଫିନେ ନୌ ପିଲାମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ନିଜକୁ ଏହି ସେବା ନିମନ୍ତେ ଅର୍ପଣ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ଉଚିତ୍ ଯଦ୍ୱାରା ସେମାନଙ୍କ ଏଥିପ୍ରତି ଆଗ୍ରହ ବଢିବ । ୱାକଫିନେ ନୌ ଯୁବପିଢୀ ଓ କର୍ମକ୍ଷେତ୍ରରେ ଥିବା ନୂତନ ମୁରବୀମାନଙ୍କୁ ମଧ୍ୟ ମୁଁ କହିବାକୁ ଚାହେଁ ଯେ, ସଂସାରବାସୀ ଆପଣଙ୍କ ମର୍ଯ୍ୟାଦା ବୁଝନ୍ତୁ ଅବା ନବୁଝନ୍ତୁ । କୌଣସି ସଦର, ଅମିର, କର୍ମକର୍ତ୍ତା ଓ ଜମାଅତର ସଦସ୍ୟ ଆପଣଙ୍କର ଆଦର ସମ୍ମାନ କରନ୍ତୁ ଅବା ନକରନ୍ତୁ, ଆପଣମାନେ ବଳିଦାନ କରିବାର ଅଲ୍ଲାଃଙ୍କ ସହ ଯେଉଁ ପ୍ରତିଜ୍ଞା କରିଛନ୍ତି ତାହାକୁ ସ୍ୱଚ୍ଛ ହୃଦୟର ସହ ସମ୍ପାଦନ କରିଚାଲନ୍ତୁ । ମୁରବୀ ହୋଇଗଲାପରେ ପ୍ରତ୍ୟେକ ମାମଲା ଅଲ୍ଲାଃଙ୍କ ଆଗରେ ନତମସ୍ତକ ହୋଇ ଜଣାଅ । ଲୋକମାନଙ୍କ ଆଚରଣର ତିଳେ ହେଲେ ଖାତିର କର ନାହିଁ । ଯଦି କୌଣସି ମତଭେଦ କିମ୍ବା ଅଭିଯୋଗ ଦେଖାଦିଏ ତେବେ ଲୋକମାନଙ୍କୁ କହିବା ପରିବର୍ତେ ଅଲ୍ଲାଃଙ୍କ ସମ୍ମୁଖରେ ନତମସ୍ତକ ହୁଅ । ସୁତରାଂ ଯଦି ଜଣେ କର୍ମକତା ଜମାଅତ ପାଇଁ ଫଳପ୍ରଦ ସାବ୍ୟସ୍ତ ନହୁଏ ତେବେ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ୍ କି ଏଭଳି କର୍ମୀଙ୍କଠାରୁ ଆମକୁ ରକ୍ଷା କରନ୍ତୁ । ସେହିପରି ମୁଁ କର୍ମକର୍ତ୍ତା ଓ ମୁରବୀମାନଙ୍କୁ କହିବାକୁ ଚାହେଁ ଯେ, ଯେତେବେଳେ ଜମାଅତର ସଦସ୍ୟମାନଙ୍କଠାରୁ ଆପଣମାନେ ଏହି ଆଶା ପୋଷଣ କରିଥାନ୍ତି କି ସେମାନଙ୍କ ଘରେ କୌଣସି କର୍ମକର୍ତ୍ତା ସମ୍ପର୍କରେ ନକାରାତ୍ମକ ଚର୍ଚ୍ଚା କରିବା ଉଚିତ୍ ନୁହେଁ । ସେହିପରି ସଦର, ଅମିର, କର୍ମକାର୍ତ ତଥା ମୁରବୀମାନଙ୍କୁ ସର୍ବଦା ମନେରଖିବା ଉଚିତ୍ ଯେ, ସେମାନଙ୍କ ଘରମାନଙ୍କରେ ମଧ୍ୟ ପରସ୍ପର ସମ୍ବନ୍ଧରେ କୌଣସି ପ୍ରକାରର ନକାରାତ୍ମକ ଚର୍ଚ୍ଚା କରିବା ଅନୁଚିତ୍ । ହଁ ପରସ୍ପରର ଉତମ କର୍ମ ସମ୍ବନ୍ଧରେ

ନିଃସନ୍ଦେହ ଚର୍ଚ୍ଚା ହେବା କଥା ଯଦ୍ଵାରା ମୁରବୀ ତଥା କର୍ମକର୍ତାମାନଙ୍କ ଆସନ୍ତା ପିଢୀରେ ଜମାଅତର ବ୍ୟବସ୍ଥା, ଉତ୍ସର୍ଗୀ ଓ କୌଣସି ପ୍ରକାରର ଜମାଅତର ସେବା କରୁଥିବା ଲୋକମାନଙ୍କ ପ୍ରତି ସେମାନଙ୍କ ମନରେ ସମ୍ମାନ ବଢିବ । କର୍ମକର୍ତା ବିଶେଷ କରି ସଦର ଓ ଅମିର ସାହେବମାନଙ୍କୁ ଏକଥା ମନେରଖିବା ଉଚିତ୍ ଯେ, ଜମାଅତର ସଦସ୍ୟମାନଙ୍କୁ ନିଶ୍ଚିନ୍ତ କରିଦିଅ କି ସେ ସୁରକ୍ଷିତ ଛତ୍ରଛାୟା ତଳେ ରହିଛନ୍ତି । *ସର୍ବଦା ପ୍ରତ୍ୟେକଙ୍କ ସହ ନମ୍ରତା ଓ ଖୁସିର ସହ କଥାବାର୍ତା କରନ୍ତୁ । କାର୍ଯ୍ୟାଳୟର ଚୌକି ଆପଣଙ୍କୁ ଅହଂକାରୀ କରିବା ପରିବର୍ତେ ନମ୍ର କରିବା ଉଚିତ୍ । ପ୍ରତ୍ୟେକ କର୍ମକର୍ତା ଓ ମୁରବୀଙ୍କ ଦ୍ଵାର ସର୍ବଦା ଜମାଅତର ପ୍ରତ୍ୟେକ ସଦସ୍ୟମାନଙ୍କ ପାଇଁ ଉନ୍ମୁକ୍ତ ରହିବା ଉଚିତ୍ । ମାମଲାଗୁଡ଼ିକୁ ଲଟକାଇ ରଖିବା ପରିବର୍ତେ ଶିଘ୍ର ସମାଧାନ କରନ୍ତୁ ।*

ସର୍ବଦା କର୍ମକର୍ତାମାନଙ୍କୁ ମନେରଖିବା ଉଚିତ୍ ଯେ, ଜମାଅତର କୌଣସି ଓହ୍‌ଦା କୌଣସି ପ୍ରକାର ଗର୍ବ କରିବା ପାଇଁ ନୁହେଁ ବରଂ ନମ୍ରତାରେ ଆଗକୁ ବଢିବା ପାଇଁ ଅଟେ । ତେଣୁ ପ୍ରତ୍ୟେକ ନିଷ୍ପତି ଓ କାର୍ଯ୍ୟ ଅଲ୍ଲାଃଙ୍କ ଭୟ ହୃଦୟରେ ରଖି ଓ ଅତ୍ୟନ୍ତ ନମ୍ରତାର ସହ ନ୍ୟାୟବନ୍ତ ହୋଇ କରିବାକୁ ଚେଷ୍ଟା କରନ୍ତୁ । ଦେଖ ହଜରତ ମହମ୍ମଦ ସ.ଆ ଭାରପ୍ରାପ୍ତ ଅଧିକାରୀ ଓ ହାକିମ ମାନଙ୍କୁ ସଚେତନ କରି ଯେଉଁ ଉପଦେଶ ଦେଇଛନ୍ତି ଯଦି ପ୍ରତ୍ୟେକ କର୍ମକର୍ତା ସେସବୁ ନିଜ ସମ୍ମୁଖରେ ରଖନ୍ତି ତେବେ ନିଶ୍ଚିତ ଭାବରେ ନିଜ କାର୍ଯ୍ୟର ସ୍ତର ଓ ନ୍ୟାୟ ବିଚାର କରିବାରେ ବହୁଗୁଣ ବୃଦ୍ଧି ଘଟିବ । ଏକଦା ହଜରତ ମହମ୍ମଦ ସ.ଆ କହିଲେ- **ଯାହାକୁ ଅଲ୍ଲାଃ ଲୋକମାନଙ୍କ ନିରିକ୍ଷକ ଓ ଦାୟିତ୍ଵ ଭାର ପ୍ରଦାନ କରିଥାନ୍ତି ଯଦି ସେ ସେଥିରେ ଦୁର୍ବଳତା ଓ ଅଳସୁଆମି କରେ ତେବେ ତାହାର ଦେହାନ୍ତ ପରେ ଅଲ୍ଲାଃ ତାହା ପାଇଁ ବୈକୁଣ୍ଠକୁ ଅବୈଦ୍ଧ କରିଦେବେ** । ଦେଖ କିଭଳି କଠୋର ଚେତାବନୀ ଏବଂ ମଣିଷକୁ ଆନ୍ଦୋଳିତ କରିଦେଉଥିବା ତଥ୍ୟ ଅଟେ । ଯଦି ଅଲ୍ଲାଃତାଲା ଓ ଅନ୍ତିମ ଦିବସ ଉପରେ ବିଶ୍ଵାସ ଥାଏ ତେବେ ପ୍ରତ୍ୟେକ କର୍ମକର୍ତା ନିଜର ପ୍ରତ୍ୟେକ କାର୍ଯ୍ୟ ଅତ୍ୟନ୍ତ ଧର୍ମଭୀରୁତାର ସହ ସମ୍ପାଦନ କରିଚାଲନ୍ତୁ । ହଜରତ ମହମ୍ମଦ ସ.ଆ କୁହନ୍ତି ଅନ୍ତିମ ଦିବସରେ ଅଲ୍ଲାଃତାଲାଙ୍କର ଲୋକମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ପ୍ରିୟ ଓ ନିକଟତର ନ୍ୟାୟବନ୍ତମାନେ ହେବେ ଏବଂ ଅତ୍ୟନ୍ତ ଘୃଣ୍ୟ (ସେ ହେବେ) ଯେ ସବୁଠାରୁ ଅଧିକ ଅନ୍ୟାୟ ଅତ୍ୟାଚାରୀ ବିଚାରକ ହୋଇଥିବେ । ସୁତରାଂ ନିଜ କର୍ତବ୍ୟ ଅତ୍ୟନ୍ତ ସୁକ୍ଷ୍ମତାର ସହ ସମ୍ପାଦନ କରିବାକୁ ଚେଷ୍ଟା କରିବା ଉଚିତ୍ । ତେବେଯାଇ ନ୍ୟାୟ ବିଚାର କରିପାରିବ । ଏହିପରି ଅନ୍ତଃ ବ୍ୟବସ୍ଥାର କର୍ମକର୍ତା ନିଜ ନିଜର କର୍ତବ୍ୟ ବୁଝିବା ଉଚିତ୍ । ପ୍ରତ୍ୟେକ ସ୍ତରର କର୍ମୀ ଯେପରିକି ଲଜନା ଓ ଖୁଦ୍ଦାମମାନେ ନ୍ୟାୟ ବିଚାର କରିବା ଉଚିତ୍ ଯଦି ଅନ୍ତଃ (ଜେଲି ତନଜିମ୍) ଓ ଜମାଅତର ବ୍ୟବସ୍ଥାର କର୍ମୀମାନେ ପାରସ୍ପରିକ ସାହାର୍ଯ୍ୟ ସହଯୋଗର ସହିତ କାର୍ଯ୍ୟ କରନ୍ତି ତେବେ ଜମାଅତର ଉନ୍ନତି ବହୁଗୁଣ ବଢିଯିବ ।

ଆଉ ଗୋଟିଏ କଥା ଜମାଅତର ପ୍ରତ୍ୟେକ କର୍ମୀ ମନେରଖିବା ଉଚିତ୍ ଯେ, ଯଦି ତାଙ୍କ ନିଜ ବିରୁଦ୍ଧରେ ମଧ୍ୟ କୌଣସି ଅଭିଯୋଗ ଆସେ ଅବା କେହି କିଛି କୁହନ୍ତି ତେବେ ସେମାନଙ୍କୁ ତାହା ଶୁଣିବାର ସାହାସ ରଖିବା ଆବଶ୍ୟକ । କର୍ମକର୍ତାମାନଙ୍କର ସବୁଠାରୁ ଅଧିକ ସହନ ଶକ୍ତି ରହିବା ଉଚିତ୍ ଏବଂ ବିରୋଧିଙ୍କ ଠାରୁ ପ୍ରତିଶୋଧ ନେବା ପରିବର୍ତେ ସର୍ବପ୍ରଥମେ ନିଜର ସୁଧାର ଓ ନିରିକ୍ଷଣ କରିବା ଆବଶ୍ୟକ କି ମୋ ଭିତରେ କିଛି ଦୋଷତ୍ରୁଟି ତ ନାହିଁ । ନ୍ୟାୟବିଚାର କରିବା ନିମନ୍ତେ ଏହା ଜରୁରୀ ଅଟେ । ଜମାଅତର ସଦସ୍ୟମାନଙ୍କୁ ମୁଁ ଏହା କହିବାକୁ ଚାହେଁ ଯେ, ସେମାନେ ମଧ୍ୟ ନିଜ ଧର୍ମଭୀରୁତାର ସ୍ତରକୁ ବଢାନ୍ତୁ । ଧର୍ମଭୀରୁତା ଏବଂ ପୁଣ୍ୟକର୍ମରେ ସହଯୋଗ କରିବାର ସେମାନଙ୍କୁ ମଧ୍ୟ ଆଦେଶ ରହିଛି । ଯଦି ଜମାଅତର (ସଦସ୍ୟମାନଙ୍କର) ଧର୍ମପରାୟଣତା ଓ ପୂଣ୍ୟକର୍ମର ସ୍ତର ଅଧିକ ରହିବ ତେବେ ସେମାନଙ୍କୁ ଧର୍ମପରାୟଣ ଓ ପୁଣ୍ୟବନ୍ତ କର୍ମକର୍ତା ଆପେ ଆପେ ମିଳିଯିବେ । ଜମାଅତର ପ୍ରତ୍ୟେକ ବ୍ୟକ୍ତିକୁ ପ୍ରଥମେ ନିଜ ଆଜ୍ଞାକାରୀ ହେବାର ଯେଉଁ ନିର୍ଦ୍ଦେଶ ରହିଛି ତାହାକୁ ପୂରଣ କରିବା ଆବଶ୍ୟକ । ଏହା ବେଶ୍ ବଡ଼ କର୍ତବ୍ୟ, ଯାହାକି ଜମାଅତର ପ୍ରତ୍ୟେକ ବ୍ୟକ୍ତି ଉପରେ ନ୍ୟସ୍ତ ରହିଛି ଯେ, ତୁମେ ଆଜ୍ଞାକାରୀ ହୁଅ । ନିଜ ଆସନ୍ତା ପିଢୀର ହୃଦୟରେ ମଧ୍ୟ ଭିରିଦିଅ ଯେ, ଆମ୍ଭକୁ ନିଜ କର୍ତବ୍ୟ କରିବାର ଅଛି । ଏପରିକି ନିଜ ଅଭାବ ଅସୁବିଧା, ଆନନ୍ଦ ଉଲ୍ଲାସ ତଥା ରାଜି ଅରାଜି ଏବଂ ନିଜ ଅଧିକାରରୁ ବଂଚିତ ରଖାଯିବା ଅବା ପ୍ରାଥମିକତା ଦିଆଯିବା ପ୍ରତ୍ୟେକ ପରିସ୍ଥିତିରେ ଆମକୁ ଆଜ୍ଞାକାରୀ ହେବାର ଅଛି ।

ଅଲ୍ଲାଃତାଲା କରନ୍ତୁ କି ଆମର ପ୍ରତ୍ୟେକ କାର୍ଯ୍ୟ ତାଙ୍କ ପ୍ରିତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ହେଉ ଏବଂ ଆମ୍ଭେମାନେ ଏଯୁଗରେ ଅଲ୍ଲାଃଙ୍କ ପ୍ରେରୀତ ଓ ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସଙ୍କ ଜମାଅତର ଅନ୍ତର୍ଭୁକ୍ତ ହେବାର କର୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେଉ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ଵରୂପ ଦ୍ଵିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପୃଷ୍ଠା-୮ ର ଅବଶିଷ୍ଟାଂଶ.....
ପାଇଁ ସମ୍ପୂର୍ଣ୍ଣ ଚେଷ୍ଟାରତ ଅଛୁ ।

ଜଣେ ସିନେଟର୍ ପ୍ରଶ୍ନ କଲେ ଯେ ହ୍ୟୁମାନ୍ ରାଇଟ୍ ବିଷୟର ହଜୁର୍‌ଙ୍କର କଣ ମତ ? ଏହାର ଉତରରେ ହଜୁର୍ କହିଲେ ଇସ୍‌ଲାମ୍‌ର ବାର୍ତା ଦୁଇଟି ବାକ୍ୟରେ ଅଛି । ନିଜର ସୃଷ୍ଟିକର୍ତାକୁ ଚିହ୍ନ ଏବଂ ତାର ହକ୍ ତାଙ୍କୁ ଦିଅ । ପୁଣି ଅଲ୍ଲାହ୍‌ଙ୍କ ଭକ୍ତଙ୍କୁ ତାଙ୍କର ଅଧିକାର ପ୍ରଦାନ କର ।

ଜାପାନରେ ମୋତେ ଜଣେ ପାଦ୍ରୀ ପଚାରିଥିଲେ ଯେ ଶାନ୍ତିର ପରିଭାଷା କଣ ? ତେବେ ମୁଁ ତାଙ୍କୁ ଯେଉଁ ଉତର ଦେଇଥିଲି ତାହା ଏଇଆ ଅଟେ ଯେ ପ୍ରତ୍ୟେକ ଲୋକ ଅନ୍ୟଙ୍କୁ ତାଙ୍କର ଅଧିକାର ଦିଅନ୍ତୁ, ଅନ୍ୟର ଅଧିକାରକୁ ଛଡ଼ାଇ ନିଅନ୍ତୁ ନାହିଁ । ଯଦି ଏକ ଆରେକର ଅଧିକାରକୁ ପ୍ରଦାନ କରୁଥିବେ ତେବେ ଯାଇ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ହଜୁର୍ ଅନୁୱର୍ ଅଧିକାର ପ୍ରଦାନ ବିଷୟରେ ଆରବର ଗୋଟିଏ ଘଟଣା ବର୍ଣ୍ଣନା କରି କହିଲେ ଯେ ଜଣେ ବ୍ୟକ୍ତି ଘୋଡ଼ା ବିକ୍ରି କରୁଥିଲା ଏବଂ ସେ ତାହାର ଦାମ୍ ୫୦୦ ଦିର୍‌ହମ୍ ରଖିଥିଲେ । ଯିଏ କିଣୁଥିଲା ସେ କହିଲା ଯେ ତୁମର ଘୋଡ଼ା ତ ଅମୁକ ଜାତିର ଅଟେ । ଏବଂ ଏହା ବହୁତ ଦାମିକା ଘୋଡ଼ା ଅଟେ । ଏହାର ଦାମ୍ ୧୫୦୦ ଦିର୍‌ହମ୍ ଅଟେ । ବିକ୍ରି କରିବା ବାଲା ଜଣକ କହୁଛନ୍ତି ଯେ ମୁଁ ୫୦୦ ଦିର୍‌ହମ୍‌ରେ ବିକ୍ରି କରିବି । ଏବଂ ଅନ୍ୟପଟେ କିଣିବା ବାଲା କହୁଛନ୍ତି ଯେ ତୁମେ ବହୁତ କମ୍ ଟଙ୍କାରେ ବିକ୍ରି କରୁଛ । ଏହାର ଦାମ୍ ତ ୧୫୦୦ ଦିର୍‌ହମ୍ ହେବ । ତେବେ ଦେଖନ୍ତୁ ଏହା ହେଉଛି ଜଣଙ୍କର ଅନ୍ୟ ଜଣଙ୍କ ପ୍ରତି କିପରି ଅଧିକାର ପ୍ରଦାନ । ଏହିପରି ଯଦି ପ୍ରତ୍ୟେକଙ୍କର ଅଧିକାର ଦିଆଯିବ ତେବେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ହଜୁର୍ ଅ:ବ:ଅ କହିଲେ ଆଜିକାଲିର ସମସ୍ୟା ଯୋଗୁ ଚାକିରି ନମିଳିବା ଯୋଗୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି ଆପଣ ଚେଷ୍ଟା କରନ୍ତୁ ଯେ ଲୋକମାନଙ୍କୁ ଚାକିରି ମିଳୁ ଏବଂ ସମସ୍ତେ ଉନ୍ନତି କରନ୍ତୁ ।

ଏହି ଦୁଇଜଣ ସିନେଟର୍‌ଙ୍କ ସହିତ ହଜୁର ଅନୁୱର୍‌ଙ୍କ ସାକ୍ଷାତକାର୍ ୨୦ ମିନିଟ୍ ପର୍ଯ୍ୟନ୍ତ ହୋଇଥିଲା । ଏହାପରେ ନିମ୍ନଲିଖିତ ୩ ଜଣ ସରକାରୀ ପ୍ରଶାସକ ହଜୁରଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଲେ ।

(୧) ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ପାମେଲା ଗୋଲ୍‌ଡ୍ ସ୍ମିଥ୍ ଜୋନ୍‌ସ(ସେ ମିନିଷ୍ଟର୍ ଅଫ୍ ଫରେନ୍ ଆଫେଆର୍‌ସର ପାର୍ଲିମାନିସେକ୍ରେଟାରୀ ମଧ୍ୟ ଅଛନ୍ତି)

(୨) ପାସ୍‌କେଲ୍ ମାସୋଟ୍ (ସେ ମିନିଷ୍ଟର୍ ଅଫ୍ ଫରେନ୍ ଆଫେଆର୍‌ସର ଅଫିସ୍‌ରେ ଏସିଆ ପ୍ୟାସିଫିକ୍ ପାଇଁ ପଲିସି ଆଡ଼ଭାଇଜର୍ ଅଛନ୍ତି)

(୩) ଜୁଲିଆନା ନତାଲି ସାହିବା (ସେ ଫରେନ୍ ଆଫେଆର୍‌ସ ଅଫିସ୍‌ରେ ସ୍ପେଶିଆଲ୍ ଆଡ଼୍‌ଭାଇଜର୍ ଏବଂ ଚିଫ୍ ଅଫ୍ ଷ୍ଟାଫ୍ ଅଛନ୍ତି)

ଉକ୍ତ ମେମ୍ବର୍‌ମାନେ ହଜୁର୍ ଅନୁୱର୍‌ଙ୍କ ଗୋଚରେ ସମ୍ବର୍ଦ୍ଧନା ଜଣାଇ ସ୍ୱାଗତମ୍ ଜଣାଇଲେ । ପୁଣି କହିଲେ ଯେ ଆପଣ ଏଠାକୁ ଆସିବା ଦ୍ୱାରା ଆମକୁ ବହୁତ ଖୁସି ଲାଗିଲା । ହ୍ୟୁମାନ୍ ରାଇଟ୍‌ସ ଫ୍ରିଡମ୍ ଦପ୍ତରର ପ୍ରତିନିଧି ନିଜ ଦପ୍ତରର ପରିଚୟ ଦେଇ କହିଲେ ଯେ ଏହି ସବୁ ପ୍ରୋଗ୍ରାମ୍ ଆମର ଅଟେ ଏବଂ ଆମେ ଅହେମଦୀୟା କମ୍ୟୁନିଟି ସହିତ ମିଶି କାମ କରୁଅଛୁ । ଅହେମଦୀୟା ଯମାତ ସହିତ ଆମର ସମ୍ପର୍କ ଅଛି । ଆପଣଙ୍କ କମ୍ୟୁନିଟି ଆମକୁ ବତାଉଛି ଯେ ଆପଣ ମାନଙ୍କର କଣ ଅଭିଜ୍ଞତା ଅଛି ।

ହଜୁର୍ ଅନୁୱର୍ କହିଲେ ମୁଁ ପ୍ରାର୍ଥନା କରୁଛି ଯେ ଅଲ୍ଲାହ୍‌ତାଲା ଆପଣଙ୍କୁ ଶକ୍ତି ଓ ସାମର୍ଥ୍ୟ ଦିଅନ୍ତୁ ଯେ ଆପଣ ଯେଉଁ ପ୍ଲାନ୍ ତିଆରି କରିଛନ୍ତି ତା ଉପରେ ତାହା ନ୍ୟାୟ ସହିତ କାର୍ଯ୍ୟକାରୀ କରନ୍ତୁ । ଯଦି ଆପଣ ଏପରି କରିବେ ତେବେ ଆପଣଙ୍କ ଦପ୍ତର୍ ବହୁତ ଭଲ ହେବ ।

ପାର୍ଲିମାନି ସେକ୍ରେଟେରୀ ଜଣକ କହିଲେ ପ୍ରଥମେ ସେ ରିଲିଜିଅସ୍ ଫ୍ରିଡମ୍ ନିମନ୍ତେ ଜଣେ ସେକ୍ରେଟେରୀ ନିଯୁକ୍ତି କରିଥିଲେ । ବର୍ତମାନ ଆମେ ଆମ ଦେଶର ପ୍ରତ୍ୟେକ ଆମ୍ବାସଡର୍‌ଙ୍କୁ କହି ରଖିଛୁ ଯେ ଆପଣମାନେ ପ୍ରତ୍ୟେକ ସ୍ଥାନରେ ରିଲିଜିଅସ୍ ଫ୍ରିଡମ୍ ଉପରେ ମଧ୍ୟ କାର୍ଯ୍ୟ କରିବେ । ଏଥିରେ ହଜୁର୍ ଅନୁୱର୍ କହିଲେ ଏହା ବହୁତ ଭଲ କଥା । କିନ୍ତୁ କେବଳ ଧର୍ମୀୟ ସ୍ୱାଧୀନତା ଉପରେ ଫୋକସ୍ କରନ୍ତୁ ନାହିଁ । ପ୍ରତ୍ୟେକ ପ୍ରକାର ସ୍ୱାଧୀନତା ଉପରେ ଫୋକସ୍ କରନ୍ତୁ । ଯାହାଦ୍ୱାରା ଲୋକମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସ୍ୱାଧୀନତା ମିଳିପାରିବ ।

ସେକ୍ରେଟେରୀ ଜଣକ ହଜୁର୍ ଅନୁୱର୍‌ଙ୍କୁ ପ୍ରଶ୍ନ ପଚାରିଲେ ଯେ ଆପଣଙ୍କର କାନାଡ଼ା ଗ୍ରସ୍ତର କଣ ଲକ୍ଷ୍ୟ ଅଟେ ? ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ମୋର ଏଠାକୁ ଆସିବା କାରଣ ମୁଁ ନିଜ କମ୍ୟୁନିଟିର ଲୋକ ସହିତ ସାକ୍ଷାତ କରିବି । ତାଙ୍କର ମାର୍ଗ ଦର୍ଶନ କରିବି । ତାଙ୍କର ସମସ୍ୟାଗୁଡିକୁ ସମାଧାନ କରିବି । ତାଙ୍କର ତାଲିମ୍ ତର୍‌ବିଅତ୍ ହେବ ଏବଂ ଏମାନେ ସମସ୍ତେ ଦେଶ ପ୍ରତି ନିଷ୍ଠାପର ହେବେ । ଏତଦ୍‌ବ୍ୟତୀତ ଆପଣମାନଙ୍କ ସହିତ ମଧ୍ୟ ସାକ୍ଷାତ୍ ହେବ ଓ କିଛି ଅନ୍ୟ ପ୍ରୋଗ୍ରାମ୍ ମଧ୍ୟ ଅଛି ।

ଏହି ମୌକାରେ ରିଜାଏନା ଓ ଲାଏଡ୍ ମିନିଷ୍ଟର୍‌ରେ ମସ୍‌ଜିଦ୍ ଉଦ୍‌ଘାଟନର ପ୍ରୋଗ୍ରାମ୍ ଚର୍ଚ୍ଚା ହେଲା । ଅମୀର୍ ସାହେବ ବତାଇଲେ ଯେ ଆସନ୍ତା ବର୍ଷ ସିସ୍‌କାଟୁନ୍‌ରେ ମଧ ମସ୍‌ଜିଦ୍‌ର ଉଦ୍‌ଘାଟନର ପ୍ରୋଗ୍ରାମ୍ ଅଛି । ମେମ୍ବର ଅଫ୍ ପାର୍ଲିଆମେଂଟ୍ ପାମେଲା ଗୋଲ୍‌ଡ୍ ସ୍ମିଥ୍ କହିଲେ ଯେ ସେ ଡେଙ୍କୋୱର୍ ମସ୍‌ଜିଦ୍‌ର ଭିଜିଟ୍ କରିବା ପାଇଁ ଚାହୁଁଛନ୍ତି । ସେଥିରେ ହଜୁର୍ ଅନୁୱର୍ କହିଲେ ଆପଣଙ୍କର ବ୍ୟବସ୍ଥା କରାଇଦିଆଯିବ । ଉମ୍ମୁରେ ଖାର୍ଜାର ସେକ୍ରେଟାରୀ ଆସିଫ୍ ଖାନ୍ ସାହେବ କହିଲେ ଯେ ଆମେ ଏହାର ବ୍ୟବସ୍ଥା କରିଦେବୁ । ହଜୁର୍ ଅନୁୱର୍ ଅ:ବ:ଅ ପାର୍ଲିଆମେଂଟ୍ ମେମ୍ବର୍ ପାମେଲା ସାହିବାଙ୍କୁ ଜଲ୍‌ସା ସାଲାନା ୟୁ.କେ ଆସିବା ପାଇଁ ନିମନ୍ତ୍ରଣ ଦେଲେ । ଏବଂ କହିଲେ ଯେ ଆମର ଜଲ୍‌ସା ସାଲାନା ସେଠି ଗୋଟିଏ ଫାର୍ମ ଲ୍ୟାଣ୍ଡ୍‌ରେ ହେଉଛି । ଅସ୍ଥାୟୀ ରୂପେ ସେଠାରେ ଷ୍ଟ୍ରକ୍‌ଚର୍ ତିଆରି କରାଯାଉଛି । ଏ ସବୁ ବ୍ୟବସ୍ଥା କେବଳ ତିନିଦିନ ପାଇଁ ହେଉଛି । ଖାଦ୍ୟ ରାନ୍ଧିବା ଓ ଖାଦ୍ୟ ଖୁଆଇବା ପାଇଁ ବ୍ୟବସ୍ଥା । ସେହିପରି ରହିବାର ବ୍ୟବସ୍ଥା ଓ ପ୍ରତ୍ୟେକ ପ୍ରକାର ମୌଳିକ ବ୍ୟବସ୍ଥାର ଆବଶ୍ୟକତା, ଫାଷ୍ଟେଡ୍, ଅସ୍ଥାୟୀ ହସ୍‌ପିଟାଲ୍ । ସେହିପରି ଗୋଟିଏ ଅସ୍ଥାୟୀ ସହରର ନିର୍ମାଣ କରାଯାଉଛି । ଏହି ସବୁ ବ୍ୟବସ୍ଥା ଜଲ୍‌ସାର୍ ଏକ ଦୁଇ ସପ୍ତାହ ପୂର୍ବରୁ ଆରମ୍ଭ ହୋଇଥାଏ । ଏବଂ ଜଲ୍‌ସାର୍ ଏକ ସପ୍ତାହ ପରେ ଦେଖିବେ ଯେ ଆପଣଙ୍କୁ କେବଳ ଗୋଟିଏ ଫାର୍ମଲ୍ୟାଣ୍ଡ ହିଁ ଦେଖାଯିବ ।

ଏହି ମୌକାରେ ପାର୍ଲିଆମେଂଟ୍ ମେମ୍ବର୍ ଜୋଡ଼ି ସିଗ୍ରୋ କହିଲେ ଯେ ସେ ଦୁଇବର୍ଷ ପୂର୍ବେ ଜଲ୍‌ସା ସାଲନା ୟୁ.କେ କୁ ଯାଇଥିଲେ । ମୁଁ ବହୁତ ପ୍ରଭାବିତ ହୋଇ ଫେରିଛି । ମୁଁ ସେଠାରେ ବହୁତ ଲୋକଙ୍କ ସହିତ ମିଶିଥିଲି । ସେମାନେ ସମସ୍ତେ ଦୁନିଆର ବିଭିନ୍ନ ଦେଶରୁ ଆସିଥିଲେ । ବହୁତ ଭଲ ସମୟ ବିତିଥିଲା । ଯଦି ତୁମେ ମଧ୍ୟ ଯିବ ତେବେ ବହୁତ ଲୋକଙ୍କ ସହିତ ସାକ୍ଷାତ୍ କରିବ । ବହୁତ ଭଲ ଅବସର ହେବ । ଏହି ତିନିଜଣ ମେମ୍ବରଙ୍କର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଏହି ସାକ୍ଷାତ୍‌କାର୍ ୧୨:୧୫ ପର୍ଯ୍ୟନ୍ତ ଜାରି ଥିଲା । (କ୍ରମଶଃ.....)

(ବ ହୱାଲା ବଦର୍-୮ ଡିସେମ୍ବର୍-୨୦୧୬)

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 13 APRIL 2017 Issue No. 15

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

କାନାଡ଼ିଆନ୍ ପାର୍ଲିଆମେଂଟ୍‌ରେ ବିଭିନ୍ନ ପାର୍ଲିଆମେଂଟ୍ ମେମ୍ବର୍‌ମାନଙ୍କ ସହିତ ହଜୁର ଅନ୍‌ୱର୍‌ଙ୍କ ସାକ୍ଷାତ୍‌କାର୍ ଏବଂ ହଜୁର୍ ଅନ୍‌ୱର୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଉପଦେଶାବଳୀ ।

ହୁବ୍‌ବୁଲ୍ ୱତନେ ମିନଲ୍ ଇମାନ୍ । ଅର୍ଥାତ୍ ୱତନ୍ (ଦେଶ) ସହିତ ପ୍ରେମ କରିବା ଇମାନ୍‌ର ଅଂଶ ଅଟେ ।

ଯଦି ଏହି ବାର୍ତ୍ତା ଉପରେ ଅମଲ କରାହୁଏ ତେବେ ଦେଶରେ କୌଣସି ପ୍ରକାର ଖରାପ କାର୍ଯ୍ୟ, ଦୁଷ୍ଟାମୀ ହେବନାହିଁ ଏବଂ ଦେଶପାଇଁ କୌଣସି ଅସୁବିଧା ହେବନାହିଁ ।

ପ୍ରତ୍ୟେକ ଦେଶ ପାଇଁ ଶୁଭାକାଂକ୍ଷୀ ଓ ହିତୈଷୀ ହେବ । କୌଣସି ପାର୍ଟି, କୌଣସି ଗୋଷ୍ଠୀ ଦେଶ ବିରୋଧି ହେବେନାହିଁ ଏବଂ ଦେଶରେ ଶାନ୍ତି ପ୍ରତିଷ୍ଠା ହେବ ।

ପ୍ରତ୍ୟେକ ଲୋକ ଅନ୍ୟଙ୍କୁ ତାଙ୍କର ଅଧିକାର ଦିଅନ୍ତୁ, ଅନ୍ୟର ଅଧିକାରକୁ ଛଡ଼ାଇ ନିଅନ୍ତୁ ନାହିଁ ।

ଯଦି ଏକ ଆରେକର ଅଧିକାରକୁ ପ୍ରଦାନ କରୁଥିବେ ତେବେ ଯାଇ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

ତା-୧୭ ଅକ୍ଟୋବର ୨୦୧୬ ରିଖ ଦିନ ହଜୁର ଅନ୍‌ୱର ଅ:ବ:ଅ କାନାଡ଼ାର ପାର୍ଲିଆମେଂଟ୍ ''ପାର୍ଲିଆମେଂଟ୍ ହିଲ୍''ରେ ପଦାର୍ପଣ କଲେ । ହଜୁର୍ ଅନ୍‌ୱର୍‌ଙ୍କୁ ପାର୍ଲିଆମେଂଟ୍‌ରେ ଭବ୍ୟ ସ୍ୱାଗତ କରାଗଲା । ପାର୍ଲିଆମେଂଟ୍‌ରେ ବିଭିନ୍ନ ସିନେଟ୍ ଓ ମିନିଷ୍ଟର୍ ହଜୁର୍‌ଙ୍କ ସହିତ ସାକ୍ଷାତ୍ କଲେ । ହଜୁର୍ ଅନ୍‌ୱର ପାର୍ଲିଆମେଂଟ୍‌ରେ ଦୁନିଆର ଅବସ୍ଥା ଏବଂ ଶାନ୍ତି ପ୍ରତିଷ୍ଠା ପ୍ରସଙ୍ଗରେ ବିଜ୍ଞତାପୂର୍ଣ୍ଣ ଭାଷଣ ପ୍ରଦର୍ଶନ କଲେ । ହଜୁର୍ ଅନ୍‌ୱର୍‌ଙ୍କ ଭାଷଣକୁ ଜ୍ଞାନୀ, ରାଜନିତୀଜ୍ଞ ଏବଂ ଜୀବନର ବିଭିନ୍ନ ବିଭାଗରେ ସମ୍ପର୍କ ରଖିଥିବା ଲୋକମାନେ ବହୁତ ପସନ୍ଦ କଲେ ଏବଂ ନିଜର ସୁନ୍ଦର ଭାବ ବ୍ୟକ୍ତ କଲେ । ହଜୁର୍ ଅନ୍‌ୱର୍‌ଙ୍କର ଉକ୍ତ ଦିନର କାର୍ଯ୍ୟାବଳୀ ବହୁତ ଇମାନ୍ ଅଫରୋଜ୍ ଥିଲା । ତେଣୁ ପାଠକଙ୍କ ନିମନ୍ତେ ଉକ୍ତ ଦିନର ସମ୍ପୂର୍ଣ୍ଣ କାର୍ଯ୍ୟାବଳୀ ଆସନ୍ତା କିଛି ଅଙ୍କରେ ଧାରାବାହିକ ରୂପେ ପ୍ରକାଶ କରାଯାଉଅଛି । (ଏଡ଼ିଟର୍)

## ଦ୍ୱିତୀୟ ଭାଗ

ଏହାପରେ ସିନେଟର୍‌ର ଦୁଇ ଜଣ ମେମ୍ବର୍ ସିନେଟର୍ ପିଟର୍ ହାର୍ଡ଼ର୍ ଏବଂ ସିନେଟର୍ ଗ୍ରାଂଟ୍ ମାଇକେଲ୍ ହଜୁର୍ ଅନୁଅର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ହାଜିର୍ ହେଲେ । ସିନେଟର୍ ପିଟର୍ ସେଂଟ୍‌ରେ ଦେଶର ପ୍ରତିନିଧି ମଧ୍ୟ ଅଛନ୍ତି । ଏବଂ ସେଂଟ୍‌ର ବୈଠକରେ ଦେଶ ତରଫରୁ ପ୍ରତିନିଧିତ୍ୱ ମଧ୍ୟ କରୁଛନ୍ତି । ଏହି ଦୁଇଜଣ ମେମ୍ବର୍ ନିଜର ପରିଚୟ ପ୍ରଦାନ କଲେ । ସିନେଟର୍ ପିଟର୍ କହିଲେ ଯେ ନୂଆ ପ୍ରଧାନମନ୍ତ୍ରୀ ମୋତେ ସେଂଟ୍‌ରେ ଦେଶର ପ୍ରତିନିଧିରୂପେ ନିଯୁକ୍ତି ଦେଇଛନ୍ତି । ଏହା ପୂର୍ବରୁ ମୁଁ ଫରେନ୍ ଅଫିସ୍‌ରେ କାର୍ଯ୍ୟ କରୁଥିଲି । ମୁଁ ଏପରି ବହୁତ ମାମଲା ଗୁଡ଼ିକ ଉପରେ କାର୍ଯ୍ୟ କରିଛି ଯେଉଁଥିପାଇଁ ମୁଁ ଜାଣିପାରିଛି ଯେ ଖଲିଫତୁଲ୍ ମସିହ୍ ମଧ୍ୟ ଏହା ଉପରେ କାର୍ଯ୍ୟରତ ଅଛନ୍ତି । ଜଣେ ଅନ୍ୟ ଜଣଙ୍କୁ ସମ୍ମାନ ଦେବା ଏବଂ ପ୍ରତ୍ୟେକ ବ୍ୟକ୍ତିର ଅଧିକାର ପ୍ରତିଷ୍ଠା କରିବା ଏବଂ ସମାଜରେ ଭାଇଚାରା ଓ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ଇତ୍ୟାଦି ।

ସେ ହଜୁର୍ ଅନ୍‌ୱର୍‌ଙ୍କୁ ଧନ୍ୟବାଦ ଦେଲେ ଯେ ହଜୁର୍ ଅନ୍‌ୱର୍ ଲୋକମାନଙ୍କୁ ଏହିପରି ଉତମ କାର୍ଯ୍ୟ ନିମନ୍ତେ ଏକତ୍ରିତ କରୁଛନ୍ତି । ଏବଂ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରୁଛନ୍ତି । ଏହାର ଉତରରେ ହଜୁର୍ ଅନୁଅର୍ କହିଲେ:ଆପଣମାନେ ମଧ୍ୟ ଗୋଟିଏ ଉତମ ପଦକ୍ଷେପ ନେଇଛନ୍ତି ଯେ ବର୍ତମାନ ଶିରିଆ ଉପରେ ଆପଣମାନେ ଏୟାର୍ ଷ୍ଟ୍ରାଇକ୍ ରୋକି ଦେଇଛନ୍ତି । ହଜୁର୍ ଅନ୍‌ୱର୍ କହିଲେ ମୁଁ ଭାବୁଛି ଯେ ଆପଣମାନେ ଅନ୍ୟଦେଶଗୁଡ଼ିକର ମଧ୍ୟ ପଥ ପ୍ରଦର୍ଶନ କରାଇବା ଉଚିତ୍ । ଏବଂ ଯେଉଁଠି ଯୁଦ୍ଧର ସଙ୍କଟ ଦେଖାଯିବ ଆପଣମାନେ ତାକୁ ରୋକନ୍ତୁ ।

ହଜୁର୍ ଅନ୍‌ୱର୍ କହିଲେ ଆଜି କାଲି ଆମେରିକା ଓ ଋଷିଆର ସମ୍ପର୍କ ତିକ୍ତ ହୋଇଚାଲିଛି ଏବଂ ଏହା ଦିନକୁ ଦିନ ବଢ଼ିବାରେ ଲାଗିଛି । ଯଦି ଏହାକୁ ରୋକା ନ ଯାଏ ଓ ସମ୍ପର୍କ ଅଧିକ ଖରାପ ହେବାକୁ ଲାଗେ ତେବେ ବହୁତବଡ଼ ବିନାଶ ଉପୁଜିପାରେ । ଏହି ମାମଲାରେ କାନାଡ଼ାକୁ ନିଜର ଦାୟିତ୍ୱ ତୁଲାଇବାକୁ ହେବ । ଆମକୁ ଜଣାନାହିଁ ଯେ କାଲ କ'ଣ ହେବାକୁ ଯାଉଛି ।

ଏହାର ଜବାବରେ ସିନେଟର୍ଜ କହିଲେ କି କାନାଡାର କଣ ରୋଲ୍ (ଦାୟିତ୍ୱ) ହେବ ? ଏହାର ଉତରରେ ହଜୁର୍ ଅନୁଅର୍ ଅ:ବ:ଅ କହିଲେ ଯେ କାନାଡ଼ା ଜି-୮ ର ମେମ୍ବର୍ ଅଛି, ୟୁ.ଏନ୍.ଓ ର ମେମ୍ବର୍ ଅଛି । ଆପଣମାନେ ଜାଣିଛନ୍ତି ଯେ ଏପରି ପରିସ୍ଥିତିରେ କଣ ରୋଲ୍ ହୋଇପାରିବ । କିପରି ଏହି ସମସ୍ୟାକୁ ସମ୍ଭାଳାଯିବ ଓ ଆୟତ କରାଯାଇପାରିବ । ବର୍ତମାନ ଅବସ୍ଥା ଧିରେ ଧିରେ ବଦଳୁଛି ।

ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ ମୁଁ ୨୦୧୬ ମସିହାରେ ଲସ୍ ଏଞ୍ଜେଲେସ୍(ଆମେରିକା)ଠାରେ ଗୋଟିଏ ରିସିପ୍‌ସନ୍‌ରେ ନିଜ ବକ୍ତବ୍ୟରେ ବତାଇଥିଲି ଯେ ବିଶ୍ୱଯୁଦ୍ଧର ସଙ୍କଟ ମୁଣ୍ଡ ଉପରେ ଘୁରିବୁଲୁଛି । ଏବଂ ଏଥିରେ ଏଟୋମିକ୍ ଅସ୍ତ୍ର ବ୍ୟବହାର ହୋଇପାରେ ବୋଲି । ତେବେ ଉକ୍ତ ଉତ୍ସବରେ ଉପସ୍ଥିତ ଜଣେ ସିନେଟର୍ କହିଲେ ଯେ ମୁଁ ଆପଣଙ୍କର ବହୁତ ଗୁଡ଼ିଏ କଥା ସହିତ ସହମତ ଅଛି କିନ୍ତୁ ଯେଉଁ ଏଟୋମିକ୍ ଅସ୍ତ୍ର କଥା ଆପଣ କହିଛନ୍ତି ଯାହାର ବ୍ୟବହାର ହୋଇପାରେ ବୋଲି ସେଥିରେ ମୁଁ ସହମତ ନୁହେଁ । ତେବେ ପଛବର୍ଷ ସେହି ସିନେଟର୍ କହିଲେ ଯେ ଆପଣଙ୍କ କଥା ସଠିକ୍ ଅଟେ ।

ଏଥିରେ ସିନେଟର୍ ପିଟର୍ ହର୍ଡୋ ସାହେବ କହିଲେ ଯେ ହଜୁର୍‌ଙ୍କର କଥା ସଠିକ୍ ଅଟେ । ପ୍ରକୃତରେ ବର୍ତମାନ ଦୁନିଆରେ ଅସ୍ଥିରତା ଲାଗି ରହିଛି । ଆପଣଙ୍କ ଶାନ୍ତିର ବାର୍ତା ବହୁତ ମହତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ଅଟେ ।

ଏଥିରେ ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ ଅସଲ ଜିନିଷ ନ୍ୟାୟ ଅଟେ । ସମାଜରେ ପ୍ରତ୍ୟେକ ସ୍ତରରେ ନ୍ୟାୟ ହେବା ଉଚିତ୍ । ଆପଣମାନେ ଯାହା ବି ପଲିସି ତିଆରି କରୁଛନ୍ତି ତାହା ନ୍ୟାୟ ଉପରେ ପର୍ଯ୍ୟବେଶିତ କରି ବନାନ୍ତୁ । ଏଥିରେ କୌଣସି ପ୍ରକାର ପକ୍ଷପାତିତା ହେବା ଉଚିତ୍ ନୁହେଁ । ପସନ୍ଦ ନା ପସନ୍ଦ ହେବା ଉଚିତ୍ ନୁହେଁ । ଯାହା ବି ପଲିସି ହେଉ ବା ଫଇସଲା ହେଉ ତାହା ନ୍ୟାୟ ଉପରେ ପର୍ଯ୍ୟବେସିତ ହେଉ ।

ଜଣେ ସିନେଟର୍ ପଚରିଲେ ଯେ ଆପଣ ଆପଣଙ୍କର ଯମାତକୁ କଣ ବାର୍ତା ଦେବେ ? ଉତରରେ ହଜୁର୍ ଅନ୍‌ୱର୍ କହିଲେ ସେହି ବାର୍ତା ଯାହା ଇସ୍‌ଲାମ୍‌ର ପ୍ରତିଷ୍ଠାତା ଆଁ ହଜରତ୍ ସ:ଆ:ସ ମୁସଲ୍‌ମାନ ମାନଙ୍କୁ ଦେଇଥିଲେ । ହୁବ୍‌ବୁଲ୍ ୱତନେ ମିନଲ୍ ଇମାନ୍ । ଅର୍ଥାତ୍ ୱତନ୍ (ଦେଶ) ସହିତ ପ୍ରେମ କରିବା ଇମାନ୍‌ର ଅଂଶ ଅଟେ । ଯଦି ଏହି ବାର୍ତା ଉପରେ ଅମଲ କରାହୁଏ ତେବେ ଦେଶରେ କୌଣସି ପ୍ରକାର ଖରାପ କାର୍ଯ୍ୟ, ଦୁଷ୍ଟାମୀ ହେବନାହିଁ ଏବଂ ଦେଶପାଇଁ କୌଣସି ଅସୁବିଧା ହେବନାହିଁ । ପ୍ରତ୍ୟେକ ଦେଶ ପାଇଁ ଶୁଭାକାଂକ୍ଷୀ ଓ ହିତୈଷୀ ହେବ । କୌଣସି ପାର୍ଟି, କୌଣସି ଗୋଷ୍ଠୀ ଦେଶ ବିରୋଧି ହେବେନାହିଁ ଏବଂ ଦେଶରେ ଶାନ୍ତି ପ୍ରତିଷ୍ଠା ହେବ । ହଜୁର୍ ଅନ୍‌ୱର୍ କହିଲେ ଆମ୍ଭେ ଅହେମଦୀମାନେ କାନୁନ୍‌କୁ ମାନି ଚଲୁଛୁ ଏବଂ ଦେଶ ପ୍ରତି ନିଷ୍ଠାବାନ୍ ଅଛୁ ଓ ଦେଶର ଉନ୍ନତି

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan